# ସାଧୁମାନଙ୍କ ସଜ୍ଜିତକରଣ



ସେ କାହାକାହାକୁ ପ୍ରେରିତ, କାହାକାହାକୁ ଭାବବାଦୀ, କାହାକାହାକୁ ସୁସମାଚାର
ପ୍ରଚାରକ, ପୁଣି କାହାକାହାକୁ ପାଳକ ଓ ଶିକ୍ଷକରୂପେ ନିଯୁକ୍ତ କରି ଦାନ କରିଅଛନ୍ତି;
ଯେପରି ସାଧୁମାନେ ସେବାକାର୍ଯ୍ୟ ନିମନ୍ତେ ସିଦ୍ଧି ଲାଭ କରନ୍ତି ଓ
ଖ୍ରୀଷ୍ଟଙ୍କ ଶରୀର ନିଷ୍ଠାପ୍ରାପ୍ତ ହୁଏ ।

ଏଫିସୀୟ ୪:୧୧,୧୨

ଆଶିଷ୍ ରାଇଚୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ ଆଣ୍ଡ୍ ୱାଲର୍ଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ଜାନୁୟାରୀ ୨୦୨୧

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, INDIA

Phone : +91-80-25452617
Email : bookrequest@apcwo.org
Website : **www.apcwo.org**

**ଆର୍ଥିକ ଭାଗୀଦାରୀ :**

ଅଲ୍ ପିପୁଲ୍ସ ଚର୍ଚ୍ଚର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ୱା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

**ମେଲିଂ ଲିଷ୍ଟ୍ :**

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

**ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :**

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**Equipping The Saints (Odia)**

# ସାଧୁମାନଙ୍କ
# ସଜ୍ଜିତକରଣ

# ସୂଚୀପତ୍ର


ମୁଖବନ୍ଧ

୧. ଈଶ୍ୱରଙ୍କ ସାମ୍ପ୍ରତିକ କାର୍ଯ୍ୟ ୨

୨. ସାଧୁମାନଙ୍କ ଭୂମିକା ୧୧

୩. ପାଞ୍ଚ-ପ୍ରକାର ସେବକମାନଙ୍କର ଭୂମିକା ୧୭

୪. ପରିବର୍ତ୍ତନ ସଂଘଟିତ କରିବା ୨୫

୫. ନଗରବ୍ୟାପୀ ମଣ୍ଡଳୀ ୩୪

ପ୍ରାର୍ଥନା

# ମୁଖବନ୍ଧ

ଏଠାରେ ପ୍ରକାଶିତ ଲେଖାଗୁଡ଼ିକ All Peoples Church's Annual Christian Ministers Conference 2008ରେ ମୋ ଦ୍ୱାରା ପ୍ରଦତ୍ତ ପାଞ୍ଚୋଟି ସମ୍ବାଦର ଲିଖିତରୂପ । ଏପରି ଏକ ଖ୍ରୀଷ୍ଟୀୟ ସେବକମାନଙ୍କର ସଭା ଆମେ ପ୍ରଥମ ଥର କରି ବାଙ୍ଗାଲୁରୁରେ ଅନୁଷ୍ଠିତ କରାଇଥିଲୁ । ଏହି ସଭାର ପ୍ରସଙ୍ଗ ଥିଲା ***"ସାଧୁମାନଙ୍କ ସଜ୍ଜିତକରଣ"*** ।

ବାଙ୍ଗାଲୁରୁ ତଥା ଭାରତର ସର୍ବତ୍ର ଏହି ସମ୍ବାଦଗୁଡ଼ିକୁ ଅଂଶୀ କରାଇବାର ଆବଶ୍ୟକତା ରହିଛି ବୋଲି ଅନୁଭବ କରିଥିଲି । ଏହି ଉଦ୍ଦେଶ୍ୟ ନେଇ, ଏହି ସମ୍ବାଦଗୁଡ଼ିକୁ ପରିମାର୍ଜିତ କରି ପୁସ୍ତକରୂପେ ପ୍ରକାଶ କରାଯାଇଛି । ଆମର ବିଶ୍ୱାସ ଯେ ଅନେକେ ଏହି ପୁସ୍ତକଦ୍ୱାରା ଉପକୃତ ହେବେ । ଯଦିବା ଏହି ସମ୍ବାଦଗୁଡ଼ିକ ପାଞ୍ଚପ୍ରକାର ସେବାକାର୍ଯ୍ୟରେ ନିୟୋଜିତ ଲୋକଙ୍କ ଉଦ୍ଦେଶ୍ୟରେ ଲେଖାଯାଇଛି, ଆମେ ନିଶ୍ଚିତ ଯେ ଅନ୍ୟାନ୍ୟ ବିଶ୍ୱାସୀମାନଙ୍କ ନିମନ୍ତେ ମଧ୍ୟ ଏଥିରେ ମୂଲ୍ୟବାନ ଶିକ୍ଷା ରହିଛି, ଏବଂ ଏହା ଆମମାନଙ୍କ ଉପରେ ଈଶ୍ୱରଙ୍କ ନୂତନ କାର୍ଯ୍ୟ ପ୍ରତି ଆମକୁ ଜାଗ୍ରତ କରିବ ।

ଈଶ୍ୱର ବର୍ତ୍ତମାନ ଯେଉଁ ନୂତନ କାର୍ଯ୍ୟ କରୁଛନ୍ତି, ତାହାକୁ ଈଶ୍ୱର ଅନେକ ଖ୍ରୀଷ୍ଟୀୟ ନେତାମାନେ "ସାଧୁମାନଙ୍କ ଆନ୍ଦୋଳନ" ଭାବରେ ଅଭିହିତ କରୁଛନ୍ତି । ସାଧୁମାନଙ୍କ ଆନ୍ଦୋଳନ ଆରମ୍ଭ ହୋଇସାରିଛି । ଆମେ ଏଥିନିମନ୍ତେ ପ୍ରସ୍ତୁତ ହେବା ଏବଂ ଏହି ପରିବର୍ତ୍ତନରେ ସାମିଲ୍ ହେବା ଆବଶ୍ୟକ, ନଚେତ୍ ପରେ ଆମେମାନେ ପଛରେ ପଡ଼ି ରହିବା !

ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ !

ପାଳକ ଆଶିଷ୍ ରାଇଚୁର୍

# ୧

# ଈଶ୍ୱରଙ୍କ ସାମ୍ପ୍ରତିକ କାର୍ଯ୍ୟ

**ଏଫିସୀୟ ୧:୯-୧୨**
**୯ ପୂର୍ବରୁ ସଙ୍କଳ୍ପ କରିଥିବା ଆପଣା ମଙ୍ଗଳମୟ ଇଚ୍ଛାନୁସାରେ ସେ ଆମ୍ଭମାନଙ୍କୁ ଆପଣା ଇଚ୍ଛାର ନିଗୁଢ଼ତତ୍ତ୍ୱ ଜ୍ଞାତ କରାଇଅଛନ୍ତି,**
**୧୦ ଯେପରି କାଳର ପୂର୍ଣ୍ଣତା ସମ୍ବନ୍ଧୀୟ ତାହାଙ୍କ ସଙ୍କଳ୍ପାନୁସାରେ ସ୍ୱର୍ଗରେ କି ମର୍ତ୍ତ୍ୟରେ ଥିବା ସମସ୍ତ ବିଷୟ ସେ ଆପଣା ନିମନ୍ତେ ଖ୍ରୀଷ୍ଟଙ୍କଠାରେ ଏକୀଭୂତ କରିବେ ।**
**୧୧ ତାହାଙ୍କଠାରେ ମଧ୍ୟ ଆମ୍ଭେମାନେ ଅଧିକାରସ୍ୱରୂପ ହୋଇଅଛୁ, ଯେଣୁ ଯେଉଁ ଈଶ୍ୱର ଆପଣା ଇଚ୍ଛାର ସଙ୍କଳ୍ପାନୁସାରେ ସମସ୍ତ ବିଷୟ ସାଧନ କରନ୍ତି, ତାହାଙ୍କ ଅଭିପ୍ରାୟ ଅନୁସାରେ ଆମ୍ଭେମାନେ ପୂର୍ବରୁ ନିରୂପିତ ହେଲୁ,**
**୧୨ ଯେପରି ଖ୍ରୀଷ୍ଟଙ୍କଠାରେ ପୂର୍ବରୁ ଭରସା କରିଥିଲୁ ଯେ ଆମ୍ଭେମାନେ, ଆମ୍ଭେମାନେ ଈଶ୍ୱରଙ୍କ ଗୌରବର ପ୍ରଶଂସାର କାରଣ ହେଉ ।**

**ଏଫିସୀୟ ୩:୯-୧୧**
**୯ ପୁଣି ସର୍ବସୃଷ୍ଟିକର୍ତ୍ତା ଈଶ୍ୱରଙ୍କଠାରେ ଅନାଦିକାଳରୁ ଗୁପ୍ତ ହୋଇ ରହିଥିବା ନିଗୁଢ଼ତତ୍ତ୍ୱ ସମ୍ବନ୍ଧରେ ତାହାଙ୍କ ସଙ୍କଳ୍ପ କଅଣ, ତାହା ଆଲୋକରେ ପ୍ରକାଶ କରିବା ପାଇଁ ଅନୁଗ୍ରହ ପ୍ରଦତ୍ତ ହୋଇଅଛି,**
**୧୦ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କଠାରେ ଈଶ୍ୱର ଯେଉଁ ଚିରନ୍ତନ ସଙ୍କଳ୍ପ କରିଥିଲେ,**
**୧୧ ତଦନୁସାରେ ମଣ୍ଡଳୀ ଦ୍ୱାରା ଯେପରି ତାହାଙ୍କର ବହୁବିଧ ଜ୍ଞାନ ସ୍ୱର୍ଗରେ କର୍ତ୍ତାପଣ ଓ ଅଧିକାରପ୍ରାପ୍ତ ବ୍ୟକ୍ତିମାନଙ୍କୁ ଜ୍ଞାତ କରାଯାଏ ।**

ଈଶ୍ୱର ପୃଥିବୀରେ କାର୍ଯ୍ୟରତ । ସେ ତାଙ୍କର ଅନନ୍ତ ଉଦ୍ଦେଶ୍ୟସବୁକୁ ପ୍ରକାଶ ଓ କାର୍ଯ୍ୟକାରୀ କରୁଛନ୍ତି । ସେ ତାଙ୍କର ଉଦ୍ଦେଶ୍ୟସବୁକୁ ଲୋକମାନଙ୍କ ଦ୍ୱାରା ପ୍ରକାଶ କରନ୍ତି ଓ ସେମାନେ ତାଙ୍କର ଇଚ୍ଛାକୁ କାର୍ଯ୍ୟରେ ପରିଣତ କରନ୍ତି ।

ଈଶ୍ୱର ତଥାପି ପୃଥିବୀରେ କାର୍ଯ୍ୟରତ । ସେ ତାଙ୍କର ଯୋଜନା ଓ ଉଦ୍ଦେଶ୍ୟସବୁକୁ ପ୍ରକାଶ କରିବାରୁ ବିରତ ରହିନାହାନ୍ତି । ସେ ମନୁଷ୍ୟ ଜାତି ମଧ୍ୟରେ କାର୍ଯ୍ୟ କରୁଛନ୍ତି, ସେ ଆମକୁ ତାଙ୍କର ଇଚ୍ଛାନୁସାରେ ଚାଳିତ କରୁଛନ୍ତି, ଯେପରି କି ସମୟର ପୂର୍ଣ୍ଣତା ଆସିଲେ, ସେ ଆମ ସମସ୍ତଙ୍କୁ ତାଙ୍କର ସମ୍ପୂର୍ଣ୍ଣୀକୃତ ଶ୍ରେଷ୍ଠକୃତି ସମୂହଭାବରେ ଏକାଠି କରିବେ ।

ପ୍ରେରିତ ୩:୧୯-୨୧
**୧୯ ଅତଏବ, ଯେପରି ଆପଣାମାନଙ୍କର ପାପମୋଚନ ହୋଇପାରେ, ଏଥିନିମନ୍ତେ ମନପରିବର୍ତ୍ତନ କରି ଫେରିଆସନ୍ତୁ,**
**୨୦ ତାହାହେଲେ ପ୍ରଭୁଙ୍କ ଛାମୁରୁ ସାନ୍ତ୍ୱନାର ସମୟ ଉପସ୍ଥିତ ହେବ; ପୁଣି ଆପଣାମାନଙ୍କ ନିମନ୍ତେ ପୂର୍ବନିରୂପିତ ଖ୍ରୀଷ୍ଟଙ୍କୁ, ଅର୍ଥାତ୍ ଯୀଶୁଙ୍କୁ ସେ ପ୍ରେରଣ କରିବେ ।**
**୨୧ ସମସ୍ତ ବିଷୟ ପୁନଃସ୍ଥାପନର ଯେଉଁ ସମୟର କଥା ଅତି ପ୍ରାଚୀନକାଳରୁ ଈଶ୍ୱର ଆପଣା ପବିତ୍ର ଭାବବାଦୀମାନଙ୍କ ମୁଖ ଦ୍ୱାରା କହିଅଛନ୍ତି, ସେହି ସମୟ ଉପସ୍ଥିତ ନ ହେବା ପର୍ଯ୍ୟନ୍ତ ତାହାଙ୍କୁ ନିଶ୍ଚୟ ସ୍ୱର୍ଗରେ ଗୃହୀତ ହେବାକୁ ହେବ ।**

ଈଶ୍ୱର ଯେପରି ଚାହାନ୍ତି, ସେପରି ଭାବରେ ସମସ୍ତ ବିଷୟ ସୁଶୃଙ୍ଖଳିତ ଭାବେ ପୁନଃସ୍ଥାପିତ ହେବା ଯାଏଁ ପ୍ରଭୁଯୀଶୁ ସ୍ୱର୍ଗରେ ରହିବା ଆବଶ୍ୟକ ।

ଯୀଶୁ ଯେହେତୁ, ଏଯାଏଁ ପ୍ରତ୍ୟାବର୍ତ୍ତନ କରିନାହାନ୍ତି, ଆମେ ସମସ୍ତେ ଈଶ୍ୱରଙ୍କର ସେହି ପୁନଃସ୍ଥାପନ କାର୍ଯ୍ୟ ମଧ୍ୟରେ ବାସ କରୁଛୁ ।

ଈଶ୍ୱର ସମସ୍ତ ବିଷୟକୁ ପୂର୍ବ ଶୃଙ୍ଖଳା ମଧ୍ୟକୁ ପୁନଃସ୍ଥାପିତ କରୁଛନ୍ତି, ଯେପରି ସେ ଆଗରୁ ଘୋଷଣା କରିସାରିଛନ୍ତି ।

ମଣ୍ଡଳୀ ଈଶ୍ୱରଙ୍କର ଏହି ପୁନଃସ୍ଥାପନ କାର୍ଯ୍ୟର କେନ୍ଦ୍ରସ୍ଥଳ ଅଟେ, କାରଣ ଈଶ୍ୱରଙ୍କର ଉଦ୍ଦେଶ୍ୟ ରହିଛି ଯେ ସେ ମଣ୍ଡଳୀ ଦେଇ ତାଙ୍କର ବିବିଧ ଜ୍ଞାନର ପ୍ରକାଶ କରିବେ ।

## ମଣ୍ଡଳୀ ଇତିହାସର ଏକ ସମୀକ୍ଷା

### ପବିତ୍ର ଆତ୍ମାଙ୍କର ପୁନଃସ୍ଥାପନକାରୀ ଚଳନର ଏକ ସାଧାରଣ ଦୃଷ୍ଟିପାତ

- **୪୦୦-୧୪୦୦ ଖ୍ରୀ:** ଅନ୍ଧକାର ଯୁଗରେ ମଣ୍ଡଳୀ ଏକ ଆତ୍ମିକରୂପେ ଦୁର୍ବଳ ସତ୍ତା ହୋଇ ପଡ଼ିଥିଲା ।

### ଉଦ୍ଦୀପନ ଓ ପୁନଃସ୍ଥାପନ

ଷୋଡ଼ଶ ଶତାବ୍ଦୀରେ ମାର୍ଟିନ୍ ଲୁଥରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଧର୍ମଜାଗରଣ ପରଠାରୁ ଈଶ୍ୱର ମଣ୍ଡଳୀକୁ କ୍ରମଶଃ ପୁନଃସ୍ଥାପନର ବିଭିନ୍ନ ପର୍ଯ୍ୟାୟ ବା ସ୍ତର ମଧ୍ୟ ଦେଇ ନେବା ଆମେ ଦେଖିଥାଉ ।

ଅନେକ ଉଦ୍ଦୀପନା ଦେଖାଦେଇଛି ଯାହା କିଛି ଅଞ୍ଚଳକୁ ପ୍ରଭାବିତ କରି ପରେ ନିଷ୍ପ୍ରଭ ହୋଇଯାଇଛି । ଅନ୍ୟ କେତେକ ଉଦ୍ଦୀପନା ଆନ୍ଦୋଳନରେ ପରିଣତ ହୋଇଛି ଏବଂ ଶକ୍ତିଶାଳୀ ସତ୍ୟସବୁକୁ ପୁନଃସ୍ଥାପିତ କରିଛି ଓ ଈଶ୍ୱରଙ୍କର ନୂତନ ଚଳନକୁ ପ୍ରକାଶ କରିଛି, ଯଦ୍ଦ୍ୱାରା ମଣ୍ଡଳୀରେ ଧର୍ମସଂସ୍କାର ଆସିପାରିଛି । ଖ୍ରୀଷ୍ଟଙ୍କ ଶରୀରର ଅଧିକାଂଶ ଭାଗ, ଯଦିବା ସମ୍ପୂର୍ଣ୍ଣ ଶରୀର ନୁହେଁ, ଉଦ୍ଦୀପନାଜନିତ ସତ୍ୟ ଓ ଈଶ୍ୱରଙ୍କ ଚଳନ ଦ୍ୱାରା ପ୍ରଭାବିତ ହୋଇ ମଣ୍ଡଳୀରେ ଏକ ନିଶ୍ଚିତ ଧର୍ମସଂସ୍କାରର ସୂତ୍ରପାତ କରିଥିଲା ।

ଈଶ୍ୱର ଯାହା ଆରମ୍ଭ କରିଥିଲେ ମନୁଷ୍ୟ ତାକୁ ଆନୁଷ୍ଠାନିକତାରେ ପରିଣତ କଲା । ଆଜି ଆମେ ଦେଖୁଥିବା ଅନେକ ସମ୍ପ୍ରଦାୟଗୁଡ଼ିକ ଈଶ୍ୱରଙ୍କର ବାସ୍ତବ ଚଳନ ଯୋଗୁଁ ଜନ୍ମ ନେଇଛନ୍ତି । ଈଶ୍ୱର ଯାହା ପ୍ରକାଶ କରିଛନ୍ତି ତାକୁ ଶୃଙ୍ଖଳିତ କରିବା ଓ ସଂରଚନ କରିବା ଭୁଲ କଥା ନୁହେଁ, ତେବେ ଆମେ ଏହି ଶୃଙ୍ଖଳା ଓ ସଂରଚନାକୁ ମୂର୍ତ୍ତି ସଦୃଶ ଭକ୍ତି ନ କରି ପୁନଃସ୍ଥାପିତ ସତ୍ୟ ଓ ଆତ୍ମାଙ୍କ କାର୍ଯ୍ୟକୁ ଗ୍ରହଣ କରିବା ବିଷୟରେ ସତର୍କ ରହିବାକୁ ହେବ । ଆମେ ଯଦି ସତ୍ୟ ଓ ଈଶ୍ୱରଙ୍କ ଚଳନକୁ ସମର୍ଥନ କରୁଥିବା ଶୃଙ୍ଖଳା, ସଂରଚନା ଓ ପରିଚାଳନକୁ ମୂର୍ତ୍ତି ସଦୃଶ ଭକ୍ତି କରିବା ତେବେ ଆମେ କେବଳ ଅତୀତର ଆତ୍ମିକ ଜୀବାଶ୍ମ ବା ଧ୍ୱଂସାବଶେଷ ପ୍ରାପ୍ତ ହେବା । ଜୀବନ ଓ ଶକ୍ତି ବିହୀନ ବ୍ୟବସ୍ଥା ହିଁ ଆମ ନିମନ୍ତେ ଉପଲବ୍ଧ ହେବ ।

ଈଶ୍ୱର ମଣ୍ଡଳୀ ଦ୍ୱାରା କ୍ରମଶଃ ତାଙ୍କର ସତ୍ୟକୁ ପୁନଃସ୍ଥାପିତ କରୁଛନ୍ତି ଓ ତାହାଙ୍କ ଆତ୍ମାଙ୍କର ସତେଜ ବାୟୁ ପ୍ରବାହିତ କରୁଛନ୍ତି । ପୁନଃସ୍ଥାପିତ ସତ୍ୟ ନୂତନ ସତ୍ୟ ନୁହେଁ । ବରଂ ଏହା ଧର୍ମଶାସ୍ତ୍ରରେ ପ୍ରକାଶିତ ସତ୍ୟ ଅଟେ, କିନ୍ତୁ ଏହାକୁ ଦେଖିବା ପାଇଁ ଆମେ ଆଗରୁ ପ୍ରକାଶନ ଲାଭ କରି ନ ଥିଲୁ । ଆତ୍ମାଙ୍କର ସତେଜ ବାୟୁର ଅର୍ଥ ଏହା ନୁହେଁ ଯେ ପବିତ୍ର ଆତ୍ମାଙ୍କର ପରିବର୍ତ୍ତନ ଘଟିଛି, କିନ୍ତୁ ଏହା ଦ୍ୱାରା ଈଶ୍ୱର ଆମକୁ ତାଙ୍କର ଅସୀମ ବ୍ୟକ୍ତିତ୍ୱର ନୂତନ ମାତ୍ରାକୁ ଅନୁଭବ କରିବା ପାଇଁ ଆମକୁ ଅନୁମତି ଦେଉଛନ୍ତି, ଯାହା ଆମେ ପୂର୍ବରୁ ଅନୁଭବ କରି ନ ଥିଲୁ ।

ଏଠାରେ ଆମେ ପୂର୍ବରୁ ଘଟିଥିବା କେତୋଟି ମୁଖ୍ୟ ଆନ୍ଦୋଳନ ଏବଂ ତହିଁ ସଙ୍ଗେ ପୁନଃସ୍ଥାପିତ ସତ୍ୟଗୁଡ଼ିକ ଓ ତଦ୍ଦ୍ୱାରା ଯେଉଁସବୁ ସମ୍ପ୍ରଦାୟ/ଅନୁଷ୍ଠାନଗୁଡ଼ିକ ଜନ୍ମ ନେଇଥିଲା ସେ ବିଷୟରେ ସାଧାରଣ ଦୃଷ୍ଟିପାତ କରିବା ।

➢ **ଷୋଡ଼ଶ ଶତାବ୍ଦୀ (ଖ୍ରୀ ୧୫୦୦ ପରବର୍ତ୍ତୀ) - ପ୍ରୋଟେଷ୍ଟାଣ୍ଟ ଆନ୍ଦୋଳନ** ଯୋଗୁଁ ଅନୁଗ୍ରହରେ ବିଶ୍ୱାସ ଦ୍ୱାରା ପରିତ୍ରାଣ ଏବଂ ବିଶ୍ୱାସୀମାନଙ୍କ ଯାଜକତ୍ୱ ବିଷୟରେ ମଣ୍ଡଳୀ ପ୍ରକାଶନ ଲାଭ କରିଥିଲା ।

- **ଲୁଥରାନ୍, ଏପିସ୍କୋପାଲିଆନ୍, ପ୍ରେସ୍‌ବିଟେରିଆନ୍ ଓ ଉପାସକ ମଣ୍ଡଳୀଗୁଡ଼ିକର ସମ୍ପ୍ରଦାୟକୁ ଜନ୍ମ ଦେଇଥିଲା ।**

➢ **ସପ୍ତଦଶ ଶତାବ୍ଦୀ (ଖ୍ରୀ ୧୬୦୦ ପରବର୍ତ୍ତୀ) - ପ୍ୟୁରିଟାନ୍ ଆନ୍ଦୋଳନ** ଯୋଗୁଁ ଜଳରେ ବାପ୍ତିସ୍ମ ଗ୍ରହଣ କରିବା ଓ ମଣ୍ଡଳୀ ରାଜ୍ୟଠାରୁ ଅଲଗା ହୋଇଯିବାର ଗୁରୁତ୍ୱକୁ ଲୋକେ ବୁଝିପାରିଲେ ।

- **ମେନୋନାଇଟ୍, ବାପ୍‌ଟିଷ୍ଟ ଓ ଅନ୍ୟାନ୍ୟ ମୌଳିକ ସୁସମାଚାରିକ ସମ୍ପ୍ରଦାୟକୁ ଜନ୍ମ ଦେଇଥିଲା ।**

➢ **ଅଷ୍ଟାଦଶ ଶତାବ୍ଦୀ (ଖ୍ରୀ ୧୭୦୦ ପରବର୍ତ୍ତୀ) - ପବିତ୍ରତା ଆନ୍ଦୋଳନ** ପବିତ୍ରତା ସମ୍ବନ୍ଧରେ ଏବଂ ମଣ୍ଡଳୀ ଜଗତରୁ ପୃଥକ୍ ହେବା ବିଷୟରେ ଜ୍ଞାନ ପ୍ରଦାନ କରିଥିଲା ।

- **ମେଥୋଡ଼ିଷ୍ଟ୍, ନାଜରିନ୍, ଚର୍ଚ୍ଚ ଅଫ୍ ଗଡ୍, ପବିତ୍ରତା ମଣ୍ଡଳୀ/ ସମ୍ପ୍ରଦାୟସମୂହ ଜନ୍ମ ନେଲା ।**

➢ **ଉନବିଂଶ ଶତାବ୍ଦୀ (ଖ୍ରୀ ୧୮୦୦ ପରବର୍ତ୍ତୀ) - ସ୍ୱର୍ଗୀୟ ଆରୋଗ୍ୟ ଆନ୍ଦୋଳନ** ଯୋଗୁଁ ମାନବ ଶରୀରକୁ ଈଶ୍ୱରଙ୍କ ଶକ୍ତିରେ ସୁସ୍ଥ କରିବା ସମ୍ବନ୍ଧୀୟ ପ୍ରକାଶନ ଓ ପ୍ରଦର୍ଶନ ସମ୍ଭବ ହୋଇଥିଲା ।

- **ଖ୍ରୀଷ୍ଟିୟାନ ମିଶନାରୀ ସହଯୋଗୀତା, ଇତ୍ୟାଦି ଜନ୍ମ ନେଇଥିଲା ।**

➢ **ବିଂଶ ଶତାବ୍ଦୀ (ଖ୍ରୀ ୧୯୦୦ ପରବର୍ତ୍ତୀ) - ପେଣ୍ଟିକଷ୍ଟୀୟ ଆନ୍ଦୋଳନ** ଯୋଗୁଁ ପବିତ୍ର ଆତ୍ମାରେ ବାପ୍ତିସ୍ମ ଓ ପରଭାଷାରେ କହିବା ବିଷୟକ ପ୍ରକାଶନ ମିଳିଥିଲା ।

- **ପେଣ୍ଟିକଷ୍ଟୀୟ ଆନ୍ଦୋଳନ ୧୯୦୦-୧୯୪୦**
  - **ଆସେମ୍ବ୍ଲି ଅଫ୍ ଗଡ୍, ୟୁନାଇଟେଡ୍ ପେଣ୍ଟିକଷ୍ଟାଲ୍, ଫୋର୍ ସ୍କୋୟାର୍, ଚର୍ଚ୍ଚ ଅଫ୍ ଗଡ୍ ଇନ୍ ଖ୍ରୀଷ୍ଟ୍ ଜନ୍ମ ନେଲା ।**

- **କ୍ୟାରିସ୍ମାଟିକ୍ ଆନ୍ଦୋଳନ ୧୯୫୦-୧୯୭୦**
    - **ଅଣ-ସାମ୍ପ୍ରଦାୟିକ ମଣ୍ଡଳୀସମୂହ, ସ୍ୱାଧୀନ ମଣ୍ଡଳୀ ସମୂହ, କ୍ୟାରିସ୍ମାଟିକ୍ ମଣ୍ଡଳୀସମୂହ, ଫେଥ୍ ଆଣ୍ଡ୍ ୱାଡ୍ ମଣ୍ଡଳୀସମୂହ, ସେବାକାରୀ ସହଭାଗୀତାସମୂହ ଜନ୍ମ ନେଲା ।**
- **ଭାବବାଣୀୟ/ ପ୍ରେରିତିକ ଆନ୍ଦୋଳନ ୧୯୮୦-୧୯୯୦**
    - **ଭାବବାଣୀୟ ମଣ୍ଡଳୀସମୂହ ଓ ନେଟ୍‌ୱାର୍କ୍‌ସବୁ, ପ୍ରେରିତିକ ମଣ୍ଡଳୀସମୂହ ଓ ନେଟ୍‌ୱାର୍କ୍‌ସବୁ ଜନ୍ମ ନେଲା ।**

➢ **ଏକବିଂଶ ଶତାବ୍ଦୀ (ଖ୍ରୀ ୨୦୦୦ ପରବର୍ତ୍ତୀ)** - ପେଣ୍ଟିକଷ୍ଟୀୟ ଆନ୍ଦୋଳନ ପରେ ମଣ୍ଡଳୀରେ ଅନେକ ଉଲ୍ଲେଖନୀୟ ସ୍ପଷ୍ଟ ଚଳନ ଦେଖାଦେଇଛି ଯଦ୍ୱାରା ଖ୍ରୀଷ୍ଟଙ୍କ ଶରୀର ଈଶ୍ୱରଙ୍କଠାରେ ଅଧିକ ଉଚ୍ଚ ସୋପାନକୁ ଯାଇସାରିଛି । ପାଞ୍ଚ ପ୍ରକାର ସେବାକାର୍ଯ୍ୟ, ଯଥା: ସୁସମାଚାର ପ୍ରଚାରକ (ଖ୍ରୀ ୧୯୫୦ ପରେ), ପାଳକ (ଖ୍ରୀ ୧୯୬୦ ପରେ), ଶିକ୍ଷକ (ଖ୍ରୀ ୧୯୭୦ ପରେ), ଭାବବାଦୀ (ଖ୍ରୀ ୧୯୮୦ ପରେ) ଏବଂ ପ୍ରେରିତମାନଙ୍କର (ଖ୍ରୀ ୧୯୯୦ ପରେ) ସେବାକାର୍ଯ୍ୟ ଖ୍ରୀଷ୍ଟଙ୍କ ଶରୀରରେ ପୁନଃସ୍ଥାପିତ ହୋଇପାରିଛି । ବର୍ତ୍ତମାନ ଆମେ ଈଶ୍ୱରଙ୍କ କ୍ୟାଲେଣ୍ଡର୍‌ରେ ରହିଛୁ, ଯହିଁରେ ସାଧୁମାନେ ସୁସଜ୍ଜିତ କରାଯାଉଛନ୍ତି ଓ ସେବାକାର୍ଯ୍ୟ ନିମନ୍ତେ ପ୍ରେରିତ ହେଉଛନ୍ତି ।

**ଏଫିସୀୟ ୪:୧୧-୧୩**

**୧୧ ସେ କାହାକାହାକୁ ପ୍ରେରିତ, କାହାକାହାକୁ ଭାବବାଦୀ, କାହାକାହାକୁ ସୁସମାଚାର ପ୍ରଚାରକ, ପୁଣି କାହାକାହାକୁ ପାଳକ ଓ ଶିକ୍ଷକରୂପେ ନିଯୁକ୍ତ କରି ଦାନ କରିଅଛନ୍ତି;**
**୧୨ ଯେପରି ସାଧୁମାନେ ସେବାକାର୍ଯ୍ୟ ନିମନ୍ତେ ସିଦ୍ଧି ଲାଭ କରନ୍ତି ଓ ଖ୍ରୀଷ୍ଟଙ୍କ ଶରୀର ନିଷ୍ଠାପ୍ରାପ୍ତ ହୁଏ ।**
**୧୩ ଶେଷରେ ଯେପରି ଆମ୍ଭେମାନେ ସମସ୍ତେ ବିଶ୍ୱାସରେ ଓ ଈଶ୍ୱରଙ୍କ ପୁତ୍ର ବିଷୟକ ଜ୍ଞାନରେ ଏକତା ପ୍ରାପ୍ତ ହେଉ, ଅର୍ଥାତ୍ ଖ୍ରୀଷ୍ଟଙ୍କ ପୂର୍ଣ୍ଣତାର ପରିମାଣାନୁସାରେ ପୂର୍ଣ୍ଣବୟସ୍କ ପୁରୁଷ ହେଉ ।**

ଈଶ୍ୱର ଖ୍ରୀଷ୍ଟଙ୍କ ଶରୀରରେ ପାଞ୍ଚ-ପ୍ରକାର ସେବାକାର୍ଯ୍ୟକୁ ପୁନଃସ୍ଥାପିତ କରିଛନ୍ତି । ଏହି ପାଞ୍ଚ-ପ୍ରକାର ସେବାକାର୍ଯ୍ୟର ଉଦ୍ଦେଶ୍ୟ ସେବାକାର୍ଯ୍ୟ ନିମନ୍ତେ ସାଧୁମାନଙ୍କୁ ସଜ୍ଜିତ କରିବା ।

ଆମେମାନେ ଈଶ୍ୱରଙ୍କର ପରବର୍ତ୍ତୀ ଚଳନର ପ୍ରାରମ୍ଭରେ ରହିଅଛୁ ।

➢ **ସାଧୁମାନଙ୍କ ଆନ୍ଦୋଳନ** - ସାଧୁମାନଙ୍କ ଆନ୍ଦୋଳନରେ, ପ୍ରତ୍ୟେକ ବିଶ୍ୱାସୀ (ସାଧୁ) ଈଶ୍ୱରଙ୍କ ବାକ୍ୟ, ଆତ୍ମାଙ୍କ ଶକ୍ତି ଦ୍ୱାରା ସଜ୍ଜିତ ହେବେ, ଆତ୍ମାଙ୍କ ଦାନସକଳ ସକ୍ରିୟ ହେବ, ଅନେକ ଆଶ୍ଚର୍ଯ୍ୟକର୍ମ, ଚିହ୍ନ ଓ ଅଦ୍ଭୁତକର୍ମ ଦେଖାଯିବ ଏବଂ ଏପରି ଭାବରେ ସେବାକାର୍ଯ୍ୟ କରାଯିବ:

ବିଶ୍ୱାସୀମାନଙ୍କ ନିମନ୍ତେ ଏହି ପାଞ୍ଚ-ପ୍ରକାର ସେବାକାର୍ଯ୍ୟ ଉଦ୍ଦିଷ୍ଟ ଯେପରିକି ବିଶ୍ୱାସୀମାନଙ୍କ ସେବା ନିମନ୍ତେ ସେସବୁ ବ୍ୟବହୃତ ହେବ, ଅନ୍ୟ ମାର୍ଗରେ ନୁହେଁ । ଆଜି ଆମେ ଦେଖୁ ଯେ ଆମର ଅନେକ ମଣ୍ଡଳୀରେ ଓ ସେବାକାର୍ଯ୍ୟରେ ନିଯୁକ୍ତ ସେବକମାନେ ଏପରି ଆଚରଣ କରନ୍ତି ଯେ ଆମେ ଆଶାରଖୁ ବିଶ୍ୱାସୀମାନେ ଆମର ଆବଶ୍ୟକତାସବୁକୁ ପୂରଣ କରନ୍ତୁ ଏବଂ ଆମର ଦର୍ଶନସବୁକୁ ସାକାର କରନ୍ତୁ । ସାଧୁମାନଙ୍କ ଆନ୍ଦୋଳନରେ ଏସବୁ ଦେଖାଯିବ ନାହିଁ ।

"ଜଣକିଆ ସେବା" ବୋଲି କିଛି ରହିବ ନାହିଁ, ପ୍ରଭୁଙ୍କ ସୈନ୍ୟବାହିନୀରେ ଅଗଣିତ ସାଧୁମାନେ (ବିଶ୍ୱାସୀଗଣ) ସେବାକାର୍ଯ୍ୟରେ ସୁସଜ୍ଜିତ ହୋଇ ସ୍ଥାନ ପାଇବେ । ଯଦିବା କପ୍ତାନ ଓ ନେତାମାନେ ରହିବେ, ତେବେ "ଜଣକିଆ ପ୍ରଦର୍ଶନ" ଆଉ ନ ଥିବ ।

ସାଧୁମାନେ ସୁସଜ୍ଜିତ ହୋଇ ସେବାକାର୍ଯ୍ୟ କରିବାକୁ ପ୍ରେରିତ ହେଲେ, ଖ୍ରୀଷ୍ଟଙ୍କ ଶରୀର ନିଷ୍ଠାପ୍ରାପ୍ତ ହେବା ଆମେ ଦେଖିବା, ଯାହ ପୂର୍ବରୁ କେବେ ସଂଘଟିତ ହୋଇ ନ ଥିଲା ।

ଈଶ୍ୱର ତା'ପରେ ଆମକୁ ବିଶ୍ୱାସରେ ଓ ଈଶ୍ୱରଙ୍କ ପୁତ୍ର ବିଷୟକ ଜ୍ଞାନରେ ଏକ କରିବେ । ସେତେବେଳେ ଆମେ ଖ୍ରୀଷ୍ଟଙ୍କ ପୂର୍ଣ୍ଣତାରେ ସୁପରିଣତ ହୋଇପାରିବୁ । ଆଜିର ଖ୍ରୀଷ୍ଟୀୟ ଜଗତକୁ ଦେଖି ଅନେକେ କହିପାରନ୍ତି ଯେ ବିଶ୍ୱାସରେ ଏକତା ପ୍ରାପ୍ତ ହେବା ଅସମ୍ଭବ । ତେବେ ଆମେ ଯଦି ଅନ୍ଧକାରର ଯୁଗକୁ ଫେରିଯିବା ଓ ସେସମୟରେ କହିବା ଯେ ଦିନେ ସତ୍ୟ ପୁନଃସ୍ଥାପିତ ହେବ, ଆମ୍ଭେମାନେ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଅନୁଭବ କରିବା, ଇତ୍ୟାଦି । ତେବେ ଏହା ଅସମ୍ଭବ ମନେ ହୁଅନ୍ତା । ତଥାପି ଦେଖନ୍ତୁ ଆଜି ଆମେ କେଉଁଠି ଅଛୁ ! ତେବେ ଦେଖନ୍ତୁ ପ୍ରଭୁ କ'ଣ କରିଛନ୍ତି ! ତେଣୁ ଆମେ ପ୍ରସ୍ତୁତ ହେବା ଆବଶ୍ୟକ । ଆଜି ଯାହା ଅସମ୍ଭବ ମନେ ହେଉଛି, ଶୀଘ୍ର ତାହା ବାସ୍ତବତାରେ ପରିଣତ ହେବ !

ସେତେବେଳେ ଖ୍ରୀଷ୍ଟ ପ୍ରତ୍ୟାବର୍ତ୍ତନ କରି ଦେଖିବେ ଯେ ମଣ୍ଡଳୀ ନିଷ୍କଳଙ୍କ, ନିଖୁନ୍ତ ଅଟେ ଏବଂ ପ୍ରତ୍ୟେକ ସଦସ୍ୟ ଯଥାସ୍ଥାନରେ ଏକାଠି ରହିଛନ୍ତି ଓ ପ୍ରତ୍ୟେକେ ନିଜ ନିଜର କର୍ତ୍ତବ୍ୟ କରି ଚାଲିଛନ୍ତି (ଏଫିସୀୟ ୫:୨୭) ।

### ଅଧିକ ଜାଣିବା ପାଇଁ ପଢ଼ନ୍ତୁ


୧) The Day of the Saints - Dr. Bill Hamon, 2002

୨) Apostles, Prophets and the coming moves of God- Dr. Bill Hamon, 1997


## ସାଧୁମାନେ (ବିଶ୍ୱାସୀଗଣ) ଗୁରୁତ୍ୱପୂର୍ଣ୍ଣ !

ଆମେ ବୁଝିରଖିବା ଉଚିତ ଯେ ସାଧୁମାନଙ୍କର (ବିଶ୍ୱାସୀଗଣ) ଈଶ୍ୱରଙ୍କ ନିକଟରେ ଅତି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି !

### ଈଶ୍ୱରଙ୍କ ଅଧିକାର ସାଧୁମାନେ

**ଏଫିସୀୟ ୧:୧୮**
**ସେଥିରେ ତୁମ୍ଭମାନଙ୍କ ଆନ୍ତରିକ ଚକ୍ଷୁ ପ୍ରସନ୍ନ ହୁଅନ୍ତେ ତାହାଙ୍କ ଆହ୍ୱାନର ଭରସା କଅଣ, ସାଧୁମାନଙ୍କ ମଧ୍ୟରେ ତାହାଙ୍କ ଅଧିକାରର ଗୌରବରୂପ ଧନ କଅଣ, ଏହିସବୁ ଜାଣି ପାର ।**

କି ଚମତ୍କାର ଚିନ୍ତାଧାରା ! ଈଶ୍ୱର ସାଧୁମାନଙ୍କୁ ତାଙ୍କର 'ଅଧିକାର' ମଣନ୍ତି । ସାଧୁମାନେ ତାଙ୍କର ଅତ୍ୟନ୍ତ ମୂଲ୍ୟବାନ ଅଧିକାର ଅଟନ୍ତି !

### ଖ୍ରୀଷ୍ଟ ସାଧୁମାନଙ୍କ ଦ୍ୱାରା ଗୌରବାନ୍ୱିତ ହେବେ

**୨ ଥେସଲନୀକୀୟ ୧:୯**
**ଅର୍ଥାତ୍ ଯେଉଁ ଦିନ ସେ ଆପଣା ସାଧୁମାନଙ୍କ ଦ୍ୱାରା ଗୌରବାନ୍ୱିତ ହେବାକୁ ଓ ବିଶ୍ୱାସ କରିଥିବା ଲୋକସମସ୍ତଙ୍କ ଦ୍ୱାରା ଚମତ୍କାରର ଦୃଶ୍ୟସ୍ୱରୂପ ହେବାକୁ ଆସିବେ (କାରଣ ତୁମ୍ଭମାନଙ୍କ ନିକଟରେ ଆମ୍ଭମାନଙ୍କ ସାକ୍ଷ୍ୟ ତୁମ୍ଭେମାନେ ବିଶ୍ୱାସ କରିଅଛ) ।**

### ସାଧୁମାନେ ଆଗାମୀ ରାଜ୍ୟରେ ରାଜୁତି କରିବେ

ଅନତି ଭବିଷ୍ୟତରେ ଏହି ଜଗତର ରାଜ୍ୟଗୁଡ଼ିକ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଶାସନାଧୀନ ହେବ । ତାଙ୍କ ରାଜ୍ୟର ଶେଷ ହେବ ନାହିଁ (ଦାନିଏଲ ୨:୪୪ଖ; ପ୍ରକାଶିତ ବାକ୍ୟ

୧୧:୧୫ଖ)। ଚିତ୍ତାକର୍ଷକ ବିଷୟ ଏହି ଯେ ଏହି ରାଜ୍ୟ ସାଧୁମାନଙ୍କୁ ଦିଆଯିବ। ବିଶ୍ୱାସୀମାନେ ଈଶ୍ୱରଙ୍କ ରାଜ୍ୟକୁ ଶାସନ ଓ ପରିଚାଳନା କରିବେ। ଈଶ୍ୱର ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତାଙ୍କ ଲୋକମାନଙ୍କ ନିମନ୍ତେ ପ୍ରସ୍ତୁତ କରି ରଖିଛନ୍ତି।

**ଦାନିଏଲ ୭:୧୮,୨୭**
**୧୮ ମାତ୍ର ସର୍ବୋପରିସ୍ଥଙ୍କର ପବିତ୍ରଗଣ ରାଜ୍ୟ ପ୍ରାପ୍ତ ହେବେ ଓ ଚିରକାଳ, ଅର୍ଥାତ୍ ଅନନ୍ତ କାଳ ଯାଏ ରାଜ୍ୟ ଭୋଗ କରିବେ।**
**୨୭ ଆଉ, ରାଜତ୍ୱ ଓ କର୍ତ୍ତୃତ୍ୱ ଓ ଆକାଶମଣ୍ଡଳର ଅଧଃସ୍ଥିତ ରାଜ୍ୟସମୂହର ମହିମା, ସର୍ବୋପରିସ୍ଥଙ୍କର ପବିତ୍ର ଲୋକମାନଙ୍କୁ ଦତ୍ତ ହେବ; ତାହାଙ୍କର ରାଜ୍ୟ ଅନନ୍ତକାଳୀନ ରାଜ୍ୟ ଓ ଯାବତୀୟ ଶାସନକର୍ତ୍ତା ତାହାଙ୍କର ସେବା କରିବେ ଓ ତାହାଙ୍କର ଆଜ୍ଞାବହ ହେବେ।**

**୧କରିନ୍ଥୀୟ ୬:୨**
**ଅବା ସାଧୁମାନେ ଯେ ଜଗତର ବିଚାର କରିବେ, ଏ କଥା କି ତୁମ୍ଭେମାନେ ଜାଣ ନାହିଁ? ଆଉ ଯଦି ଜଗତ ତୁମ୍ଭମାନଙ୍କ ଦ୍ୱାରା ବିଚାରିତ ହୁଏ, ତେବେ ତୁମ୍ଭେମାନେ କି ସାମାନ୍ୟ ସାମାନ୍ୟ ବିଷୟ ବିଚାର କରିବାକୁ ଅଯୋଗ୍ୟ?**

## ସାଧୁମାନେ (ବିଶ୍ୱାସୀଗଣ) ଗୁରୁତ୍ୱପୂର୍ଣ୍ଣ!

ପାଞ୍ଚ-ପ୍ରକାର ସେବକଭାବରେ ଆମେ ଈଶ୍ୱରଙ୍କ ଲୋକମାନଙ୍କ ପାଇଁ ଅର୍ଥାତ୍ ସାଧୁମାନଙ୍କ ପାଇଁ ଈଶ୍ୱରଙ୍କର ହୃଦୟ ଧାରଣ କରିବା ଆବଶ୍ୟକ। ଈଶ୍ୱର ତାଙ୍କର ଲୋକମାନଙ୍କୁ ଯେପରି ମୂଲ୍ୟାଙ୍କନ କରନ୍ତି ଆମେ ମଧ୍ୟ ସେମାନଙ୍କୁ ସେପରି ମୂଲ୍ୟାଙ୍କନ କରିବାକୁ ହେବ। ଈଶ୍ୱରଙ୍କର ମହତ୍ ପରିକଳ୍ପନାକୁ ପୂରଣ କରିବା ପାଇଁ ଆମେ ସାଧୁମାନଙ୍କ ନିମନ୍ତେ ବିନିଯୋଗ କରିବା ଓ ସେମାନଙ୍କୁ ସଶକ୍ତିକରଣ ଓ ସଜ୍ଜିତ କରିବା ଆବଶ୍ୟକ। ତାଙ୍କ ଲୋକମାନଙ୍କ ନିମନ୍ତେ ଯେଉଁ ଈଶ୍ୱରଙ୍କର ପ୍ରେମ ରହିଛି, ସେମାନଙ୍କ ପ୍ରତି ଆମର ମଧ୍ୟ ଅନୁରୂପ ଅନୁରାଗ ଓ ଗଭୀର ପ୍ରେମ ରହିବା ଆବଶ୍ୟକ। ଈଶ୍ୱରଙ୍କ ପ୍ରେମ ଅତିଶୟ ପ୍ରଶୟ ଦେବା ପ୍ରେମ ନୁହେଁ, ଯାହାକି ପାପକୁ ଉପେକ୍ଷା କରେ, ଦୁର୍ବଳତାସବୁର ପ୍ରତିକାର କରେ ନାହିଁ, ଇତ୍ୟାଦି। ବରଂ ଈଶ୍ୱରଙ୍କ ପ୍ରେମ ଏକ "କଡ଼ା ଆଭିମୁଖ୍ୟଯୁକ୍ତ ପ୍ରେମ", ଯେଉଁ ପ୍ରେମ ସହ୍ୟ କରେ, ଯେଉଁ ପ୍ରେମ କଦାପି ଶେଷ ହୁଏ ନାହିଁ, ଯେଉଁ ପ୍ରେମ ପିତୃତୁଲ୍ୟ ବିନାଶ ନ କରି ଶାସନ ଓ ଶୃଙ୍ଖଳିତ କରିଥାଏ (ଏବ୍ରୀ ୧୨:୫-୧୧)। ଏହି ପ୍ରେମ ଦୀର୍ଘସହିଷ୍ଣୁ, ଦୟାରେ ପୂର୍ଣ୍ଣ, ସମସ୍ତ ବିଶ୍ୱାସ କରେ, ତେବେ ଅଧର୍ମରେ ଆନନ୍ଦ କରେ ନାହିଁ (୧କରିନ୍ଥୀୟ ୧୩:୪-୮)। ସାଧୁମାନଙ୍କ ମଧ୍ୟରେ ସେବାକାର୍ଯ୍ୟ କରିବା ସମୟରେ

ଏହି ପ୍ରେମ ଆମମାନଙ୍କୁ ପ୍ରେରଣା ଯୋଗାଏ (୨କରିନ୍ଥୀୟ ୫:୧୩,୧୪)।

"ସାଧୁମାନଙ୍କ ସଜ୍ଜିତକରଣ" ପ୍ରସଙ୍ଗକୁ ଆଲୋଚନା କରିବା ସମୟରେ ଆମେମାନେ ସାଧୁମାନଙ୍କ ଆନ୍ଦୋଳନରେ ସାଧୁମାନଙ୍କ ଭୂମିକା ଓ ପାଞ୍ଚ-ପ୍ରକାର ସେବକମାନଙ୍କର ଭୂମିକା କ'ଣ ତାହା ବୁଝିବା ଆବଶ୍ୟକ। ଈଶ୍ୱରଙ୍କର ନୂତନ କାର୍ଯ୍ୟ ମଧ୍ୟକୁ ପାଞ୍ଚ-ପ୍ରକାର ସେବକମାନେ କିପରି ପ୍ରବେଶ କରିବେ? ସାଧୁମାନଙ୍କ ଆନ୍ଦୋଳନ କିପରି ନଗରବ୍ୟାପୀ ମଣ୍ଡଳୀ ଓ ନଗରର ପରିବର୍ତ୍ତନକୁ ପ୍ରଭାବିତ କରିବ? ଏହି ସମସ୍ତ ବିଷୟ ଆମେ ପରବର୍ତ୍ତୀ ଅଧ୍ୟାୟସବୁରେ ଆଲୋଚନା କରିବା।

# ୨

# ସାଧୁମାନଙ୍କ ଭୂମିକା

ଈଶ୍ୱରଙ୍କ ସାମ୍ପ୍ରତିକ କାର୍ଯ୍ୟରେ ସାଧୁମାନଙ୍କ (ବିଶ୍ୱାସୀମାନଙ୍କ) ଭୂମିକା ଏବଂ ସେମାନେ ଯେଉଁ ସେବାକାର୍ଯ୍ୟ କରିବେ ସେ ସମ୍ବନ୍ଧରେ ଆମେ ବୁଝିବା ଆବଶ୍ୟକ ।

## ପ୍ରତ୍ୟେକ ବିଶ୍ୱାସୀ ଜଣେ ସେବକ

**ଏଫିସୀୟ ୪:୭,୧୧,୧୨**

**୭ କିନ୍ତୁ ଖ୍ରୀଷ୍ଟଙ୍କ ଦାନର ପରିମାଣ ଅନୁସାରେ ଆମ୍ଭମାନଙ୍କ ପ୍ରତ୍ୟେକକୁ ଅନୁଗ୍ରହ ଦତ୍ତ ହୋଇଅଛି ।**

**୧୧ ସେ କାହାକାହାକୁ ପ୍ରେରିତ, କାହାକାହାକୁ ଭାବବାଦୀ, କାହାକାହାକୁ ସୁସମାଚାର ପ୍ରଚାରକ, ପୁଣି କାହାକାହାକୁ ପାଳକ ଓ ଶିକ୍ଷକରୂପେ ନିଯୁକ୍ତ କରି ଦାନ କରିଅଛନ୍ତି;**

**୧୨ ଯେପରି ସାଧୁମାନେ ସେବାକାର୍ଯ୍ୟ ନିମନ୍ତେ ସିଦ୍ଧି ଲାଭ କରନ୍ତି ଓ ଖ୍ରୀଷ୍ଟଙ୍କ ଶରୀର ନିଷ୍ଠାପ୍ରାପ୍ତ ହୁଏ ।**

ପ୍ରତ୍ୟେକ ବିଶ୍ୱାସୀ ଅନୁଗ୍ରହ ପାଇଛନ୍ତି ଏବଂ ସେମାନଙ୍କ ଜୀବନରେ ପ୍ରଭୁ କିଛି ପରିମାଣରେ ଆତ୍ମିକ ଦାନ ଦେଇଛନ୍ତି । ପାଞ୍ଚ-ପ୍ରକାର ସେବକମାନଙ୍କୁ ସାଧୁମାନଙ୍କ ସଜ୍ଜିତକରଣର ଦାୟିତ୍ୱ ଦିଆଯାଇଛି, ଯେପରିକି ସାଧୁମାନେ ସେବାକାର୍ଯ୍ୟ କରିପାରନ୍ତି ।

ବାଇବଲ ଅନୁସାରେ ପ୍ରତ୍ୟେକ ବିଶ୍ୱାସୀ ଜଣେ ଜଣେ ସେବକ ଅଟନ୍ତି ଓ ସେମାନେ ସେବାକାର୍ଯ୍ୟ କରିବାକୁ ଉଦ୍ଦିଷ୍ଟ । ସେବାକାର୍ଯ୍ୟ କରିବା କେବଳ ପାଞ୍ଚ-ପ୍ରକାର ସେବକମାନଙ୍କର ମଧ୍ୟରେ ସୀମିତ ନୁହେଁ ।

**ରୋମୀୟ ୧୨:୪-୬କ**

**୪ କାରଣ ଯେପରି ଏକ ଶରୀରରେ ଆମ୍ଭମାନଙ୍କର ଅନେକ ଅଙ୍ଗପ୍ରତ୍ୟଙ୍ଗ ଅଛି, କିନ୍ତୁ ସମସ୍ତ ଅଙ୍ଗପ୍ରତ୍ୟଙ୍ଗର କାର୍ଯ୍ୟ ଏକପ୍ରକାର ନୁହେଁ,**

**୫ ସେହିପରି ଅନେକ ଯେ ଆମ୍ଭେମାନେ, ଆମ୍ଭେମାନେ ଖ୍ରୀଷ୍ଟଙ୍କଠାରେ ଏକ ଶରୀର ଓ ପ୍ରତ୍ୟେକ ପରସ୍ପର ଅଙ୍ଗପ୍ରତ୍ୟଙ୍ଗ ।**

**୬କ ଆଉ, ଆମ୍ଭେମାନଙ୍କୁ ପ୍ରଦତ୍ତ ଅନୁଗ୍ରହ ଅନୁସାରେ ଆମ୍ଭେମାନେ ବିଭିନ୍ନ ଦାନ ପାଇଅଛୁ ।**

ଏହା ସତ୍ୟ ଯେ ପ୍ରତ୍ୟେକ ବିଶ୍ୱାସୀଙ୍କର କାର୍ଯ୍ୟ ସମାନ ନୁହେଁ, ତେବେ ଏହା ସୁସ୍ପଷ୍ଟ ଯେ ଖ୍ରୀଷ୍ଟଙ୍କ ଶରୀରରେ ସମସ୍ତ ବିଶ୍ୱାସୀଙ୍କର କିଛି ନା କିଛି କାର୍ଯ୍ୟ ରହିଛି । ଆମ ପ୍ରତ୍ୟେକଙ୍କୁ ଈଶ୍ୱରଙ୍କ ଅନୁଗ୍ରହ ଅନୁସାରେ ଆତ୍ମିକ ଦାନସକଳ ଦିଆଯାଇଛି ଏବଂ ତଦନୁସାରେ ଆମେ ଖ୍ରୀଷ୍ଟଙ୍କ ଶରୀରରେ ନିର୍ଦ୍ଦିଷ୍ଟ କାର୍ଯ୍ୟମାନ କରିଥାଉ ।

ପ୍ରତ୍ୟେକ ବିଶ୍ୱାସୀ ଏହି ସତ୍ୟ ପ୍ରତି ସଜାଗ ରହିବା ଉଚିତ ଯେ ସେମାନଙ୍କର ଏକ ସେବାକାର୍ଯ୍ୟ ରହିଛି । ଈଶ୍ୱର ଦାନସକଳ, ଅନୁଗ୍ରହ ଦେଇସାରିଛନ୍ତି ଏବଂ ପ୍ରତ୍ୟେକ ବିଶ୍ୱାସୀ ନିମନ୍ତେ ଏକ ବା ଅଧିକ କାର୍ଯ୍ୟ ନିର୍ଦ୍ଦିଷ୍ଟ କରିଛନ୍ତି ।

## ବିଶ୍ୱାସୀମାନଙ୍କୁ ସେବାକାର୍ଯ୍ୟର ଦାୟିତ୍ୱ ଦିଆଯିବା ଉଚିତ- ସ୍ଥାନୀୟ ମଣ୍ଡଳୀରେ ସୁଯୋଗ ମିଳିବା ଉଚିତ ।

**୧ପିତର ୪:୧୦,୧୧**

**୧୦ ପ୍ରତ୍ୟେକ ଜଣ ଯେଉଁପରି ଅନୁଗ୍ରହଦାନ ପାଇଅଛ, ସେହିପ୍ରକାରେ ଈଶ୍ୱରଙ୍କ ବହୁବିଧ ଅନୁଗ୍ରହର ଉତ୍ତମ ଭଣ୍ଡାରଘରିଆ ସ୍ୱରୂପେ ତଦ୍ଦ୍ୱାରା ପରସ୍ପରର ସେବା କର;**
**୧୧ କେହି ଯଦି ପ୍ରଚାର କରେ, ତେବେ ସେ ଈଶ୍ୱରଙ୍କ ବାକ୍ୟର ପ୍ରଚାରକ ପରି ପ୍ରଚାର କରୁ; କେହି ଯଦି ସେବା କରେ, ତେବେ ସେ ଈଶ୍ୱରଙ୍କଠାରୁ ଶକ୍ତିପ୍ରାପ୍ତ ଲୋକ ପରି ସେବା କରୁ, ଯେପରି ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱର ଗୌରବାନ୍ୱିତ ହେବେ; ଯୁଗେ ଯୁଗେ ଗୌରବ ଓ ପରାକ୍ରମ ତାହାଙ୍କର । ଆମେନ୍ ।**

ଈଶ୍ୱର ତାଙ୍କ ସାଧୁମାନଙ୍କୁ ଆତ୍ମିକ ଦାନ ଓ ଅନୁଗ୍ରହ ଦେଇଥାନ୍ତି, ଯେପରି କି ପରସ୍ପର ନିକଟରେ ସେବାକାର୍ଯ୍ୟ କରିବା ନିମନ୍ତେ ସେହି ଆତ୍ମିକ ଦାନସବୁ ବ୍ୟବହୃତ ହୋଇପାରିବ ସେଥିପାଇଁ ବିଶ୍ୱାସୀମାନଙ୍କୁ ସ୍ଥାନୀୟ ମଣ୍ଡଳୀ ସୁଯୋଗ ଦିଆଯିବା ଉଚିତ ଯେପରି କି ସେମାନେ ବିଭିନ୍ନ ସ୍ତରରେ ସେମାନଙ୍କର ଦାନସକଳକୁ ବ୍ୟବହାର କରିବେ । ଅବଶ୍ୟ ଏହା ସତ୍ୟ ଯେ ଏହା ସେମାନେ ଏପରି ଭାବରେ କରିବା ଉଚିତ ଯେ ସେମାନେ ତା' ସାଙ୍ଗରେ ଚରିତ୍ରର ବିକାଶ କରିବେ ଓ ପରିପକ୍ୱତା ହାସଲ କରିବେ । ସେମାନେ ମଧ୍ୟ ମଣ୍ଡଳୀର ନେତୃତ୍ୱ ପ୍ରତି ସମର୍ପିତ ଭାବ ରଖି ଏବଂ ସ୍ଥାନୀୟ ମଣ୍ଡଳୀର ଦର୍ଶନ ଓ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ଏହା କରିବା ଆବଶ୍ୟକ । ତେବେ, ଏ ବିଷୟରେ ମୋର ପର୍ଯ୍ୟବେକ୍ଷଣ ହେଉଛି ଯେ ଆମର ଅଧିକାଂଶ ମଣ୍ଡଳୀରେ ବହୁତ ଲୋକ ଅଛନ୍ତି ଯେଉଁମାନଙ୍କୁ ସେମାନଙ୍କର ଦାନସବୁକୁ ଆବିଷ୍କାର କରିବାକୁ ଓ ସେସବୁର ପ୍ରୟୋଗ କରିବାକୁ ଉତ୍ସାହିତ

କରାଯାଏ ନାହିଁ; କିଅବା ଲୋକମାନେ ସେମାନଙ୍କର ଦାନସକଳ ଓ ଅନୁଗ୍ରହ ଜାଣିଥିଲେ ସୁଦ୍ଧା ସୁଯୋଗର ଅଭାବରୁ ସେସବୁର ପ୍ରୟୋଗ କରିପାରି ନ ଥାନ୍ତି । ସାଧାରଣତଃ, ଖୁବ୍ କମ୍ ଲୋକ ଅଛନ୍ତି ଯେଉଁମାନେ ଚରିତ୍ର ବିକାଶ, ପରିପକ୍ୱତା ଲାଭ, ସମର୍ପଣ ବା ଅନ୍ୟାନ୍ୟ କାରଣରୁ "ତାଲିମ୍ ମଧ୍ୟରେ ବା "ଅପେକ୍ଷାରତ" ରହିଥାନ୍ତି, ଏବଂ ବହୁତ ଲୋକ ନିଷ୍କ୍ରିୟ ଥା'ନ୍ତି ଓ କାର୍ଯ୍ୟ ନ କରି ରହିଥାନ୍ତି ।

ଏହା ବଦଳିବା ଆବଶ୍ୟକ । ମଣ୍ଡଳୀରେ ଯେତେ ପ୍ରତିଶତ ଲୋକେ ସକ୍ରିୟ ଥାଆନ୍ତି ଓ ସେବାକାର୍ଯ୍ୟ ନିମନ୍ତେ ମୁକ୍ତ କରାଯାଇଥାନ୍ତି ତଦନୁସାରେ ସ୍ଥାନୀୟ ମଣ୍ଡଳୀ ପ୍ରକୃତରେ କାର୍ଯ୍ୟକ୍ଷମ (ବା ସକ୍ରିୟ) ହୋଇଥାଏ । ଯଦି ଏକ ମଣ୍ଡଳୀରେ ୧୦୦ ଜଣରୁ ମାତ୍ର ୨୦ ଜଣ ସେମାନଙ୍କ ଆତ୍ମିକ ଦାନସକଳ ଓ କାର୍ଯ୍ୟସକଳ ବିଷୟରେ ବୁଝନ୍ତି ଓ ସକ୍ରିୟ ଭାବରେ ସେବାକାର୍ଯ୍ୟ କରୁଛନ୍ତି, ତେବେ ସ୍ଥାନୀୟ ମଣ୍ଡଳୀ ୨୦ ପ୍ରତିଶତ କାର୍ଯ୍ୟଦକ୍ଷମ ଅଟେ ଏବଂ ୮୦ ପ୍ରତିଶତ ସଭ୍ୟ ଅକର୍ମା, ନିଷ୍କ୍ରିୟ, ନିଶ୍ଚେଷ୍ଟ ଅଟନ୍ତି ।

**ଏଫିସୀୟ ୪:୧୬**
**ତାହାଙ୍କଠାରୁ ସମସ୍ତ ଶରୀର ପ୍ରତ୍ୟେକ ସନ୍ଧିର ସାହାଯ୍ୟ ଦ୍ୱାରା ପୁଣି ପ୍ରତ୍ୟେକ ଅଂଶର କାର୍ଯ୍ୟସାଧକ ଶକ୍ତି ଅନୁସାରେ ସୁଖଚିତ ଓ ସୁସଂଯୁକ୍ତ ହୋଇ ପ୍ରେମରେ ଆପଣାର ନିଷ୍ଠା ନିମନ୍ତେ ନିଜର ବୃଦ୍ଧି ସାଧନ କରୁଅଛି ।**

ଯଦି ଶରୀରର ପ୍ରତ୍ୟେକ ଅଙ୍ଗ ନିଜର କାର୍ଯ୍ୟ କରିଥାଏ, ତେବେ ଶରୀର ପ୍ରେମରେ ବୃଦ୍ଧି ପାଇ ଖ୍ରୀଷ୍ଟଙ୍କ ସଦୃଶ ପରିପକ୍ୱତା ଲାଭ କରେ । ଓଃ ! ଏହି କାରଣରୁ ଖ୍ରୀଷ୍ଟଙ୍କ ଶରୀରର ପ୍ରତ୍ୟେକ ବିଶ୍ୱାସୀକୁ ସକ୍ରିୟ କରାଯାଇ ସେବାକାର୍ଯ୍ୟ ନିମନ୍ତେ ମୁକ୍ତ କରାଯିବା ଆବଶ୍ୟକ ।

## କେତେକ ବିଶ୍ୱାସୀ ବଜାର ସ୍ଥାନରେ ସେବାକାର୍ଯ୍ୟ କରିବା ନିମନ୍ତେ ଆହୂତ

କେତେକ ବିଶ୍ୱାସୀ ସ୍ଥାନୀୟ ମଣ୍ଡଳୀର ପୁଲ୍‌ପିଟ୍‌ରେ ସେବାକାର୍ଯ୍ୟ ନ କରି ମଣ୍ଡଳୀ ବାହାରେ ବଜାର ସ୍ଥାନରେ ଅର୍ଥାତ୍, ବ୍ୟବସାୟରେ, ସରକାରୀ ଅଫିସ୍, ଶିକ୍ଷାନୁଷ୍ଠାନ, ଆମୋଦ ପ୍ରମୋଦ ସ୍ଥାନ, କଳା, ଗଣମାଧ୍ୟମ, କ୍ରୀଡ଼ା, ଇତ୍ୟାଦି କ୍ଷେତ୍ରରେ ସେବାକାର୍ଯ୍ୟ କରିଥାନ୍ତି ।

ଆମେ ବୁଝିବା ଆବଶ୍ୟକ ଯେ ଯେଉଁଠାରେ ଲୋକମାନେ ଅଛନ୍ତି, ସେଠାରେ ସେବାକାର୍ଯ୍ୟ କରାଯାଏ, ମଣ୍ଡଳୀ ଭିତରେ ହେଉ ବା ବାହାରେ ହେଉ । ଅନେକେ ଅନୁଗ୍ରହଦାନପ୍ରାପ୍ତ ବିଶ୍ୱାସୀ ମଣ୍ଡଳୀ ବାହାରେ ସେବାକାର୍ଯ୍ୟ କରିବା ପାଇଁ ସକ୍ଷମ ଅଟନ୍ତି । ଏହାର ଅର୍ଥ

ନୁହେଁ ଯେ ସେମାନଙ୍କ ସେବାକାର୍ଯ୍ୟର ସମ୍ପର୍କ ସ୍ଥାନୀୟ ମଣ୍ଡଳୀ ସହିତ ନାହିଁ । ସ୍ଥାନୀୟ ମଣ୍ଡଳୀରେ ହିଁ ସେମାନେ ସଜ୍ଜିତ ଓ ସଶକ୍ତି କରାଯାଇଥାନ୍ତି । ସ୍ଥାନୀୟ ମଣ୍ଡଳୀରେ ହିଁ ଏହି ବିଶ୍ୱାସୀମାନେ ପରିପୁଷ୍ଟ, ସତେଜ, ପରାମର୍ଶପ୍ରାପ୍ତ, ନିର୍ଦ୍ଦେଶପ୍ରାପ୍ତ, ଇତ୍ୟାଦି ହୋଇଥାନ୍ତି । ତେବେ, ସେମାନଙ୍କର ସେବାକାର୍ଯ୍ୟର ପରିସର ମଣ୍ଡଳୀ ବାହାରେ- ଜଗତର ବିଭିନ୍ନ କ୍ଷେତ୍ରରେ, ବଜାର ସ୍ଥାନରେ ଥାଏ ।

ସେମାନେ ପେଶାଦାର ବ୍ୟକ୍ତି, ବ୍ୟବସାୟୀ, ରାଜନୀତିଜ୍ଞ, ଶିକ୍ଷାବିତ୍, ଇତ୍ୟାଦି ହୋଇପାରନ୍ତି । ସେମାନେ ବଜାର ସ୍ଥାନରେ ମଣ୍ଡଳୀ, ପ୍ରାର୍ଥନା ଦଳ, ପ୍ରଚାର ଦଳ, ଇତ୍ୟାଦିର ନେତୃତ୍ୱ ନେଇଥାନ୍ତି ।

ତାଡ଼ନା ଘଟିବା ଯୋଗୁଁ ଯିରୁଶାଲମର ବିଶ୍ୱାସୀମାନେ ବିଭିନ୍ନ ସ୍ଥାନକୁ ଯାଇ ଖ୍ରୀଷ୍ଟଙ୍କୁ ପ୍ରଚାର କଲେ ଯେଉଁସ୍ଥାନକୁ ପ୍ରେରିତ କି ନେତାମାନେ କେବେ ଯାଇ ନ ଥିଲେ (ପ୍ରେରିତ ୮, ୧୧ ପର୍ବ) । ନୂତନ ସହର ଓ ନଗରମାନଙ୍କରେ ସୁସମାଚାର ପ୍ରଚାରିତ ହେଲା ଏବଂ ସାଧାରଣ ବିଶ୍ୱାସୀମାନେ ମଣ୍ଡଳୀଗୁଡ଼ିକ ରୋପଣ କଲେ । କ୍ଷେତ୍ର ପ୍ରସ୍ତୁତ ହେବା ପରେ, ଯିରୁଶାଲମରେ ଥିବା ପ୍ରେରିତମାନେ କାର୍ଯ୍ୟକୁ ସୁଦୃଢ଼ କରିବା ପାଇଁ ଲୋକମାନଙ୍କୁ ପଠାଇଲେ ।

ଏହା ଆଜି ମଧ୍ୟ ହୋଇପାରିବ । ସାଧୁମାନଙ୍କ ଆନ୍ଦୋଳନରେ ଯେଉଁସ୍ଥାନରେ ପୂର୍ଣ୍ଣସମୟ କାର୍ଯ୍ୟକାରୀମାନେ ପ୍ରବେଶ କରିନାହାନ୍ତି ସେଠାରେ ବଜାର ସ୍ଥାନର ବିଶ୍ୱାସୀମାନଙ୍କୁ ପ୍ରଭୁ ବ୍ୟବହାର କରି ତାଙ୍କ ରାଜ୍ୟର ସମ୍ପ୍ରସାରଣ କରିବେ । ତେବେ ଆମେ କାର୍ଯ୍ୟ ସମ୍ବନ୍ଧରେ ଓ ବଜାର ସ୍ଥାନରେ ଖ୍ରୀଷ୍ଟିୟାନର ଭୂମିକା ବିଷୟରେ ଆମର ଚିନ୍ତାଧାରାକୁ ବଦଳାଇବାକୁ ପଡ଼ିବ । ଏ ସମ୍ବନ୍ଧରେ ଅଧିକ ଜାଣିବା ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ ପକ୍ଷରୁ ପ୍ରକାଶିତ ପୁସ୍ତକ Biblical Attitude Towards Work ପଢ଼ନ୍ତୁ ।

## ବିଶ୍ୱାସୀମାନେ ପବିତ୍ରଆତ୍ମାରେ ଗମନାଗମନ କରିବେ ଓ ତାଙ୍କର ଅଲୌକିକ ଶକ୍ତି ପ୍ରଦର୍ଶନ କରିବେ

ପାଞ୍ଚ-ପ୍ରକାର ସେବାକାର୍ଯ୍ୟରେ ବ୍ୟବହୃତ ସେବକମାନଙ୍କ ପରି ବିଶ୍ୱାସୀମାନେ ଆତ୍ମାଙ୍କ ଶକ୍ତିରେ ଗମନାଗମନ କରିବେ ଓ ଅଲୌକିକ ଶକ୍ତି ପ୍ରଦର୍ଶନ କରିବେ ଏବଂ ଆତ୍ମାଙ୍କ ଦାନସକଳ ଉପଯୋଗ କରିବେ ।

**ଯୋହନ ୧୪:୧୨**

**ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ମୋʼଠାରେ ଯେ ବିଶ୍ୱାସ କରେ, ମୁଁ ଯେଉଁ ଯେଉଁ କର୍ମ କରୁଅଛି, ସେ ମଧ୍ୟ ସେହିସବୁ କରିବ, ଆଉ ସେସବୁ ଅପେକ୍ଷା ଅଧିକ ମହତ୍ କର୍ମ କରିବ, କାରଣ ମୁଁ ପିତାଙ୍କ ନିକଟକୁ ଯାଉଅଛି ।**

ଯୀଶୁ ଇଚ୍ଛା ପ୍ରକାଶ କରିଥିଲେ ଯେ ସେ ଜଗତରେ ରହିଥିବାବେଳେ ଯେଉଁସବୁ ଚିହ୍ନ, ଅଦ୍ଭୁତକର୍ମ ଓ ଶକ୍ତିର କାର୍ଯ୍ୟ କରୁଥିଲେ ସବୁ ଯୁଗର ବିଶ୍ୱାସୀମାନେ ତାହା କରନ୍ତୁ । ଯୀଶୁ କେବେ କହି ନ ଥିଲେ ଯେ ଚିହ୍ନ, ଅଦ୍ଭୁତକର୍ମ ଓ ଶକ୍ତିର କାର୍ଯ୍ୟସବୁ ଆଦ୍ୟ ମଣ୍ଡଳୀରେ ହିଁ ସୀମିତ ରହିବ । ସେ ଇଚ୍ଛା କରିଥିଲେ ଯେ ବିଶ୍ୱାସୀମାନେ ପିତାଙ୍କର କାର୍ଯ୍ୟସବୁ କରି ଜୀବନସବୁକୁ ସ୍ପର୍ଶ କରନ୍ତୁ, ଈଶ୍ୱରଙ୍କ ପ୍ରେମ ପ୍ରକାଶ କରନ୍ତୁ ଓ ତାଙ୍କୁ ଗୌରବାନ୍ୱିତ କରନ୍ତୁ ।

ପାଞ୍ଚ-ପ୍ରକାର ସେବାକାର୍ଯ୍ୟରେ ନିୟୋଜିତ ସେବକମାନଙ୍କୁ କେବଳ ନୁହେଁ, ମାତ୍ର ସମସ୍ତ ବିଶ୍ୱାସୀମାନଙ୍କ ନିମନ୍ତେ ଆତ୍ମାଙ୍କର ନʼଟି ଅନୁଗ୍ରହଦାନ (୧କରିନ୍ଥୀୟ ୧୨:୪-୧୧) ଉପଲବ୍ଧ ଅଟେ ।

ସାଧୁମାନଙ୍କ ଆନ୍ଦୋଳନରେ ଆମେ ଦେଖିବା ଯେ ବିଶ୍ୱାସୀମାନେ ଅଧିକତର ଭାବରେ ପିତାଙ୍କର କାର୍ଯ୍ୟସବୁ କରୁଛନ୍ତି ଏବଂ ଚିହ୍ନ, ଅଦ୍ଭୁତକର୍ମ ଓ ଶକ୍ତିର କାର୍ଯ୍ୟ ଦ୍ୱାରା ଆତ୍ମାଙ୍କର ଦାନସକଳ ପ୍ରକାଶ କରୁଛନ୍ତି । ଏହା ଜଣେ ବିଶ୍ୱାସୀର ମାନଦଣ୍ଡ ହେବ ।

ଯେଉଁ ବିଶ୍ୱାସୀମାନେ ପିତାଙ୍କର କାର୍ଯ୍ୟସବୁ କରନ୍ତି ଓ ଆତ୍ମାଙ୍କର ଦାନସକଳ ପ୍ରକାଶ କରନ୍ତି, ସେମାନେ ଗୋଷ୍ଠୀରେ ଅନ୍ୟମାନଙ୍କଠାରୁ ଭିନ୍ନ ବ୍ୟକ୍ତି ନୁହନ୍ତି । ଯେଉଁମାନେ ଚିହ୍ନ, ଅଦ୍ଭୁତକର୍ମ ଓ ଶକ୍ତିର କାର୍ଯ୍ୟ ପ୍ରକାଶ କରୁନାହାନ୍ତି ସେମାନଙ୍କୁ ହିଁ ଗୋଠଖଣ୍ଡିଆ କୁହାଯିବ ।

## କେତେକ ବିଶ୍ୱାସୀ ଜାଗତିକ ପେଶାରେ ରହି ମଧ୍ୟ ପାଞ୍ଚ-ପ୍ରକାର ସେବାକାର୍ଯ୍ୟ କରିପାରନ୍ତି

ଏଥିନିମନ୍ତେ ପ୍ରସ୍ତୁତ ହୁଅନ୍ତୁ! ଧର୍ମଶାସ୍ତ୍ର କୁହେ ନାହିଁ ଯେ ପାଞ୍ଚ-ପ୍ରକାର ସେବାକାର୍ଯ୍ୟ (ପ୍ରେରିତ, ଭାବବାଦୀ, ପାଳକ, ଶିକ୍ଷକ ବା ସୁସମାଚାର ପ୍ରଚାରକ) ନିମନ୍ତେ ଆହୂତ ବ୍ୟକ୍ତିମାନଙ୍କୁ ହିଁ ପୂର୍ଣ୍ଣସମୟ କାର୍ଯ୍ୟକାରୀ କୁହାଯିବ ।

ପାଉଲ ପ୍ରେରିତ ଥିଲେ ଅଥଚ ତମ୍ବୁ-ନିର୍ମାଣ ବ୍ୟବସାୟରେ ଥିଲେ, ଅନ୍ତତଃ କିଛି ସମୟ ପାଇଁ । ଏହାଦ୍ୱାରା ପାଞ୍ଚ-ପ୍ରକାର ଆହ୍ୱାନ ନିମନ୍ତେ ସେ ଅଯୋଗ୍ୟ ବିବେଚିତ ହୋଇ ନ ଥିଲେ ।

ସାଧୁମାନଙ୍କ ଆନ୍ଦୋଳନରେ ଦେଖାଯିବ ଯେ ପ୍ରେରିତ, ଭାବବାଦୀ ଓ ପାଞ୍ଚ-ପ୍ରକାର ସେବାକାର୍ଯ୍ୟର ସମ୍ମିଶ୍ରଣରେ କାର୍ଯ୍ୟରତ ସେବକମାନେ ବଜାରସ୍ଥାନରେ ପ୍ରଭୁଙ୍କ କାର୍ଯ୍ୟ କରୁଛନ୍ତି । ସେମାନେ ବ୍ୟବସାୟ, ରାଜନୀତି, କଳା, ଆମୋଦପ୍ରମୋଦ, ଶିକ୍ଷା ଇତ୍ୟାଦି କ୍ଷେତ୍ରରେ ରହି ଏହି କାର୍ଯ୍ୟ କରୁଛନ୍ତି ।

## ବିଶ୍ୱାସୀମାନଙ୍କ ଦେଇ ଈଶ୍ୱର ଯାହା ମୁକ୍ତ କରନ୍ତି ସେଥିରେ ଲିଙ୍ଗଗତ ବା ବୟସର ପ୍ରତିବନ୍ଧକ ନ ଥାଏ

**ପ୍ରେରିତ ୨:୧୭,୧୮**
**୧୭ ଈଶ୍ୱର କହନ୍ତି, ଶେଷକାଳରେ ଏପରି ଘଟିବ ଯେ, ଆମ୍ଭେ ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମା ବୃଷ୍ଟି କରିବା, ସେଥିରେ ତୁମ୍ଭମାନଙ୍କର ପୁତ୍ରକନ୍ୟାମାନେ ଭାବବାଣୀ କହିବେ, ଆଉ ତୁମ୍ଭମାନଙ୍କର ଯୁବାମାନେ ଦର୍ଶନ ପାଇବେ, ପୁଣି ତୁମ୍ଭମାନଙ୍କର ପ୍ରାଚୀନମାନେ ସ୍ୱପ୍ନ ଦେଖିବେ ।**
**୧୮ ହଁ, ସେହି କାଳରେ ଆମ୍ଭେ ନିଜ ଦାସଦାସୀମାନଙ୍କ ଉପରେ ଆପଣା ଆତ୍ମା ବୃଷ୍ଟି କରିବା, ସେଥିରେ ସେମାନେ ଭାବବାଣୀ କହିବେ ।**

ବୟସ ଏବଂ ପୁରୁଷ ବା ସ୍ତ୍ରୀ ନିର୍ବିଶେଷରେ, ସମସ୍ତଙ୍କ ଉପରେ ଆତ୍ମାଙ୍କ ବୃଷ୍ଟି ହୋଇଥାଏ । ସାଧୁମାନଙ୍କ ଆନ୍ଦୋଳନରେ ଏହା ଅଧିକ ବ୍ୟାପକରୂପେ ଘଟିବ । ନାବାଳକମାନେ ମଧ୍ୟ ପ୍ରଚାର କରିବେ, ଭାବବାଣୀ କହିବେ, ଖ୍ରୀଷ୍ଟଙ୍କ ସଦୃଶ ସ୍ୱଭାବ ପ୍ରକାଶ କରିବେ ଏବଂ ଅଦ୍ଭୁତକର୍ମ, ଚିହ୍ନ ଓ ଆଶ୍ଚର୍ଯ୍ୟଶକ୍ତିର କାର୍ଯ୍ୟସବୁ କରିବେ । ଏହା ଏକ ସାଧାରଣ ଘଟଣା ହେବ । ପୁରାତନ ପିଢ଼ି ଶିକ୍ଷା କରିବାକୁ ଯେତେ ସମୟ ନେଉଥିଲେ ତା' ଅପେକ୍ଷା ଯୁବ ପିଢ଼ି ଖୁବ୍ କମ ସମୟରେ ଶିକ୍ଷା କରିପାରିବେ । ସେମାନେ ଗତ ପିଢ଼ିସବୁର ମୂଳଦୁଆ ଉପରେ ଗଢ଼ିବେ । ଆବାଳ-ବୃଦ୍ଧ-ବନିତା ଉଦ୍ଯୋଗ, ଜ୍ଞାନ ଓ ଅନୁରାଗର ସହିତ ସେମାନଙ୍କ ଜୀବନ ପ୍ରତି ରହିଥିବା ଈଶ୍ୱରଙ୍କ ଆହ୍ୱାନକୁ ଅନୁସରଣ କରିବେ ।

# ୩

# ପାଞ୍ଚ-ପ୍ରକାର ସେବକମାନଙ୍କର ଭୂମିକା

ସାଧୁମାନଙ୍କ ଆନ୍ଦୋଳନ ପରିପ୍ରେକ୍ଷୀରେ ପାଞ୍ଚ-ପ୍ରକାର ସେବକମାନଙ୍କର ଭୂମିକାରେ ପରିବର୍ତ୍ତନ ଦେଖାଦେବ । ପାଞ୍ଚ-ପ୍ରକାର ସେବକମାନଙ୍କୁ ପରିପକ୍ୱତା ମଧ୍ୟକୁ ଅଣାଯିବ ଏବଂ ସେମାନଙ୍କୁ ସାଧୁମାନଙ୍କ ସଜ୍ଜିତକରଣର ଦାୟିତ୍ୱ ଦିଆଯିବ, ଯେପରି କି ଖ୍ରୀଷ୍ଟଙ୍କ ଶରୀର ନିଷ୍ପାପ୍ରାପ୍ତ ହେବ ।

## ପାଞ୍ଚ-ପ୍ରକାର ସେବକ ଭାବରେ ଆମର ଭୂମିକା

ଆମେ ବୁଝିବା ଆବଶ୍ୟକ ଯେ ପାଞ୍ଚ-ପ୍ରକାର ସେବକମାନେ ବିଶ୍ୱାସୀମାନଙ୍କୁ ନିମ୍ନ ସେବାମାନ ପ୍ରଦାନ କରିବେ:

### ବିଶ୍ୱାସୀମାନଙ୍କୁ ପରିପକ୍ୱତାର ସ୍ଥାନକୁ ଆଣନ୍ତୁ, ସେମାନଙ୍କୁ ଖ୍ରୀଷ୍ଟଙ୍କ ସାଦୃଶ୍ୟ ପ୍ରାପ୍ତ ହେବା ନିମନ୍ତେ ସାହାଯ୍ୟ କରନ୍ତୁ

ଲୋକମାନଙ୍କର ଚିତ୍ତବିନୋଦନ କରିବା ବା ସେମାନଙ୍କୁ କେବଳ ଶିକ୍ଷାଦାନ କରିବା ଆମର ଲକ୍ଷ୍ୟ ନୁହେଁ, କିନ୍ତୁ ସେମାନେ ଯେପରି ଖ୍ରୀଷ୍ଟଙ୍କ ସାଦୃଶ୍ୟପ୍ରାପ୍ତ ହୋଇ, ଉଭୟ ଚରିତ୍ରରେ ଓ ସେବାକାର୍ଯ୍ୟରେ ପରିପକ୍ୱ ହେବେ ତାହା ହିଁ ଆମର ଲକ୍ଷ୍ୟ ।

ଈଶ୍ୱର ଚାହାନ୍ତି ଯେପରି ଆମେ ତାହାଙ୍କ ପୁତ୍ର ଯୀଶୁ ଖ୍ରୀଷ୍ଟଙ୍କ ପ୍ରତିମୂର୍ତ୍ତିର ଅନୁରୂପ ହେବା (ରୋମୀୟ ୮:୨୯) । ଆମେ ମଧ୍ୟ ଖ୍ରୀଷ୍ଟଙ୍କ ପୂର୍ଣ୍ଣତାର ପରିମାଣାନୁସାରେ ସର୍ବ ବିଷୟରେ ତାହାଙ୍କ ସଦୃଶ ହୋଇ ବୃଦ୍ଧି ପାଇବାକୁ ହେବ (ଏଫିସୀୟ ୪:୧୩,୧୫) ।

ପ୍ରେରିତ ପାଉଲଙ୍କ ମିଶନ୍ କଥନ ଥିଲା-

**କଲସୀୟ ୧:୨୮,୨୯**

**୨୮ ତାହାଙ୍କୁ ଆମ୍ଭେମାନେ ପ୍ରଚାର କରୁଅଛୁ, ପୁଣି ପ୍ରତ୍ୟେକ ଲୋକଙ୍କୁ ଚେତନା ଓ ସମ୍ପୂର୍ଣ୍ଣ ଜ୍ଞାନ ସହ ଶିକ୍ଷା ଦେଉଅଛୁ, ଯେପରି ଆମ୍ଭେମାନେ ପ୍ରତ୍ୟେକ ଲୋକଙ୍କୁ ଖ୍ରୀଷ୍ଟଙ୍କ ସହଭାଗିତାରେ ସିଦ୍ଧ କରି ଉପସ୍ଥାପିତ କରି ପାରୁ;**

**୨୯ ଏହି ଉଦ୍ଦେଶ୍ୟରେ ମଧ୍ୟ ତାହାଙ୍କର ଯେଉଁ କାର୍ଯ୍ୟସାଧକ ଶକ୍ତି ମୋ'ଠାରେ ସବଳେ କାର୍ଯ୍ୟ ସାଧନ କରୁଅଛି, ତଦନୁସାରେ ମୁଁ ପ୍ରାଣପଣରେ ପରିଶ୍ରମ କରୁଅଛି ।**

ସେବାକାର୍ଯ୍ୟରେ ଆମର ଦାୟିତ୍ୱ ଏହି ପ୍ରକାର ହେବା ଉଚିତ, ଅର୍ଥାତ୍ ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ସହଭାଗିତାରେ ସିଦ୍ଧ କରି ଉପସ୍ଥାପିତ କରିବା ।

## ବିଶ୍ୱାସୀମାନଙ୍କୁ ଈଶ୍ୱରଙ୍କ ବାକ୍ୟରେ ସଜ୍ଜିତ କରନ୍ତୁ-ସତ୍ୟ, ଅର୍ଥାତ୍ ପୁନଃସ୍ଥାପିତ ସତ୍ୟ ଉପସ୍ଥାପନ କରନ୍ତୁ

ଏଫିସୀ ମଣ୍ଡଳୀର ପ୍ରାଚୀନମାନଙ୍କ ସଙ୍ଗେ ବାର୍ତ୍ତାଳାପ କଲାବେଳେ, ଶେଷଆଡ଼କୁ ପାଉଲ କହିଲେ:

**ପ୍ରେରିତ ୨୦:୩୨**
**ଏବେ ମୁଁ ତୁମ୍ଭମାନଙ୍କୁ ପ୍ରଭୁଙ୍କଠାରେ ଓ ତାହାଙ୍କ ଅନୁଗ୍ରହର ବାକ୍ୟ ନିକଟରେ ସମର୍ପଣ କରୁଅଛି, ସେ ତୁମ୍ଭମାନଙ୍କୁ ନିଷ୍ଠାବାନ୍ କରିବା ନିମନ୍ତେ ଓ ପବିତ୍ରୀକୃତ ସମସ୍ତଙ୍କ ମଧ୍ୟରେ ଅଧିକାର ଦେବା ନିମନ୍ତେ ସମର୍ଥ ଅଟନ୍ତି ।**

ଈଶ୍ୱରଙ୍କ ବାକ୍ୟ ଲୋକମାନଙ୍କୁ ଗଢ଼ିପାରେ । ଈଶ୍ୱରଙ୍କ ବାକ୍ୟ ଛୋଟ ପିଲାମାନଙ୍କ ମଧ୍ୟରେ ପୁତ୍ର ଓ କନ୍ୟାର ପରିପକ୍ୱତା ଆଣିଥାଏ ଏବଂ ସେମାନଙ୍କୁ ଅଧିକାର ଦିଆଯାଇପାରିବ । ପାଞ୍ଚ-ପ୍ରକାର ସେବକଭାବରେ ବିଶ୍ୱାସୀମାନଙ୍କୁ ଖ୍ରୀଷ୍ଟଙ୍କ ଶରୀରରେ ପୁନଃସ୍ଥାପିତ ସମସ୍ତ ସତ୍ୟକୁ ଉପସ୍ଥାପନ କରି ଅର୍ଥାତ୍ ବାକ୍ୟରେ ସେମାନଙ୍କୁ ଗଠନ କରି ଅଧିକାର ମଧ୍ୟକୁ ଆଣିପାରିବା ।

ଆମେ ବ୍ୟକ୍ତିଗତ ଭାବରେ ଯେଉଁ ପ୍ରକାଶନ ପାଇଛୁ ତା'ଠାରୁ ଅଧିକ ପ୍ରକାଶନ ଆମେ ସେମାନଙ୍କୁ ପ୍ରଦାନ କରି ପାରିବା ନାହିଁ । ଯେଉଁ ସତ୍ୟ ଆମେ ଅନୁଭବ କରି ନାହୁଁ ତାହାକୁ ଅଂଶୀକରାଇ ପାରିବା ନାହିଁ । ସେଥିପାଇଁ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ଉପଲବ୍ଧ ସତ୍ୟକୁ ଜାଣିବା ପାଞ୍ଚ-ପ୍ରକାର ସେବକମାନଙ୍କ ନିମନ୍ତେ ଏକ ଆହ୍ୱାନ ଅଟେ । ଜଣେ ଅନ୍ଧ ଅନ୍ୟ ଜଣେ ଅନ୍ଧକୁ ପଥ କଢ଼ାଇ ନେଇ ନ ପାରେ (ଲୂକ୬:୩୯) । ଯଦି ଆମେ ନୂତନ ପ୍ରକାଶନ ଓ ଅନ୍ତର୍ଦୃଷ୍ଟି ଲାଭ ନ କରୁ, ଓ ପୃଥିବୀରେ ଈଶ୍ୱର କ'ଣ କରୁଛନ୍ତି ତାହା ନ ଜାଣୁ, ତେବେ ଆମେ ଈଶ୍ୱରଙ୍କ ଲୋକମାନଙ୍କୁ ଈଶ୍ୱରଙ୍କ ସାମ୍ପ୍ରତିକ ଚଳନ ମଧ୍ୟକୁ କଢ଼ାଇ ନେଇ ପାରିବା ନାହିଁ ।

**ବିଶ୍ୱାସୀମାନଙ୍କୁ ଖ୍ରୀଷ୍ଟଙ୍କ ଶରୀରରେ ସେମାନଙ୍କର ଆହ୍ୱାନ, ସ୍ଥାନ ଓ କାର୍ଯ୍ୟ ବିଷୟରେ ଅବଗତ କରାନ୍ତୁ । ପ୍ରତ୍ୟେକ ବିଶ୍ୱାସୀ ଯେ ଜଣେ ଜଣେ ସେବକ ଏହି ପ୍ରକାଶନ ସେମାନଙ୍କୁ ପ୍ରଦାନ କରନ୍ତୁ ।**

ଏହା ସତ୍ୟ ଯେ ଶରୀରର ପ୍ରତ୍ୟେକ ଅଂଶର କାର୍ଯ୍ୟ ସମାନ ନୁହେଁ, ତେଣୁ ଆମେ ବୁଝିବା ଆବଶ୍ୟକ ଯେ ଖ୍ରୀଷ୍ଟଙ୍କ ଶରୀରରେ ସମସ୍ତ ବିଶ୍ୱାସୀଙ୍କର କିଛି ନା କିଛି କାର୍ଯ୍ୟ ରହିଛି (ରୋମୀୟ ୧୨:୪) । ବିଶ୍ୱାସୀମାନଙ୍କର କାର୍ଯ୍ୟ କ'ଣ ସେ ବିଷୟ ସେମାନେ ଯେପରି ଆବିଷ୍କାର କରିବେ ଓ ତାହା ପୂରଣ କରିବେ ସେଥିପାଇଁ ସେମାନଙ୍କୁ ଚାଳିତ କରାଯିବା ଉଚିତ । ପାଞ୍ଚ-ପ୍ରକାର ସେବକ ଭାବରେ ଆମର ଦାୟିତ୍ୱ ରହିଛି ଯେ ଆମେ ପ୍ରତ୍ୟେକ ବିଶ୍ୱାସୀକୁ ଉତ୍ସାହିତ କରିବା ଯେପରି ସେମାନେ ଖ୍ରୀଷ୍ଟଙ୍କ ଶରୀରରେ ସେମାନଙ୍କ ସେବାକାର୍ଯ୍ୟ କ'ଣ ତାହା ଆବିଷ୍କାର କରିବେ ଓ ପୂରଣ କରିବେ ।

**ଆଲୌକିକତା ପ୍ରତି ପ୍ରତ୍ୟେକ ବିଶ୍ୱାସୀଙ୍କୁ ସଜ୍ଜିତ କରନ୍ତୁ, ଯେପରି କି ସେମାନେ ଈଶ୍ୱରଙ୍କ ଶକ୍ତିକୁ ପ୍ରଦର୍ଶନ କରିବେ, ଈଶ୍ୱରଙ୍କର କାର୍ଯ୍ୟସବୁ କରିବେ**

ପ୍ରଭୁ ଯୀଶୁ ଚାହାନ୍ତି ଯେ ସମସ୍ତ ବିଶ୍ୱାସୀ ଈଶ୍ୱରଙ୍କ ଶକ୍ତିକୁ ପ୍ରକାଶ କରନ୍ତୁ ଅର୍ଥାତ୍ ଶକ୍ତିର କାର୍ଯ୍ୟ, ଆରୋଗ୍ୟ, ଚିହ୍ନସବୁ ଓ ଅଦ୍ଭୁତକର୍ମ ସବୁ କରନ୍ତୁ (ଯୋହନ ୧୪;୧୨; ମାର୍କ ୧୬:୧୭,୧୮) ।

ଆଧୁନିକୋତ୍ତର ମଣ୍ଡଳୀ ଶକ୍ତିର କାର୍ଯ୍ୟ, ଚିହ୍ନ ଓ ଅଦ୍ଭୁତକର୍ମସବୁକୁ ଗୁରୁତ୍ୱହୀନ ବିଷୟ ମନେ କରେ ଏବଂ ବୌଦ୍ଧିକତା, ବଡ଼ ବଡ଼ ସଂଗଠନ ଓ ଅନ୍ୟାନ୍ୟ ବିଷୟକୁ ଗୁରୁତ୍ୱ ଦିଏ ଯାହା ସାଂସାରିକ ମନୁଷ୍ୟ କରିପାରିବ ।

ମଣ୍ଡଳୀକୁ ଯୀଶୁ ଯେଉଁ ଆଦେଶ ଦେଇଛନ୍ତି ଆମେ ତାହା ପାଳନ କରିବା, ଅର୍ଥାତ୍ ସେ ଯେଉଁ କାର୍ଯ୍ୟ କରିଥିଲେ ଓ ତା'ଠାରୁ ମହତ୍ କାର୍ଯ୍ୟସବୁ କରିବା ।

ପିତାଙ୍କର କାର୍ଯ୍ୟସବୁ (ଅଦ୍ଭୁତକର୍ମ, ଚିହ୍ନ ଓ ଶକ୍ତିର କାର୍ଯ୍ୟ) କରିବାର ଗୁରୁତ୍ୱକୁ ଆମେ ବୁଝିବା ଉଚିତ ।

- ଯୀଶୁ କହିଲେ ଯେ ପିତାଙ୍କର କାର୍ଯ୍ୟସବୁ ଯେଉଁ ସାକ୍ଷ୍ୟ ଦିଏ ତାହା ପୁରାତନ ନିୟମର ଭାବବାଦୀମାନଙ୍କର ସାକ୍ଷ୍ୟ ଅପେକ୍ଷା ଗୁରୁତର (ଯୋହନ ୫:୩୬) ।

- ପିତାଙ୍କର କର୍ମସବୁ ଯୀଶୁ ପ୍ରଚାର କରିଥିବା ସମ୍ବାଦ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ, କାରଣ ସେସବୁ ତାଙ୍କ ମଶିହତ୍ୱର ପ୍ରମାଣ । ବାସ୍ତବରେ ସେ, କହିବାକୁ ଚାହିଁଲେ ଯେ ଯଦି ସେ ଆଶ୍ଚର୍ଯ୍ୟକର୍ମସବୁ କରି ନାହାନ୍ତି, ତେବେ ସେ ଯାହା କହିଛନ୍ତି, ତାହା ଆମେ ବିଶ୍ୱାସ କରିବା ଅନାବଶ୍ୟକ । (ଯୋହନ ୧୦:୨୪, ୨୫, ୩୭, ୩୮) ।
- ଯୀଶୁ ଫିଲିପ୍ପଙ୍କୁ ତାଙ୍କର କାର୍ଯ୍ୟ ସମ୍ପର୍କରେ କହିଲେ ଓ ସୂଚିତ କଲେ ଯେ ସେ ପିତାଙ୍କଠାରୁ ଆସିଅଛନ୍ତି (ଯୋହନ ୧୪:୮-୧୧) ।
- ବାପ୍ତିଜକ ଯୋହନ ଯୀଶୁଙ୍କୁ ନେଇ ସନ୍ଦେହ ପ୍ରକଟ କରିଥିଲେ, ତେଣୁ ପ୍ରଭୁ ତାଙ୍କ ସ୍ପଷ୍ଟ କରିଥିଲେ ଯେ ସେ ଯେଉଁସବୁ ଆଶ୍ଚର୍ଯ୍ୟକର୍ମ କରୁଛନ୍ତି ସେସବୁ ପ୍ରମାଣ କରେ ଯେ ସେ ମଶିହ ଅଟନ୍ତି (ମାଥିଉ ୧୧:୧-୫) ।

ପାଞ୍ଚ-ପ୍ରକାର ସେବକ ଭାବରେ, ଆମେ ଅଲୌକିକତା ପ୍ରକାଶ କରିବା ଦିଗରେ ଚେଷ୍ଟିତ ହେବା ଆବଶ୍ୟକ । ସାଧୁମାନେ ଯେପରି ଅଦ୍ଭୁତ କର୍ମ, ଚିହ୍ନ ଓ ଶକ୍ତିର କାର୍ଯ୍ୟ କରିବେ ସେଥିପାଇଁ ଆମେ ସେମାନଙ୍କୁ ସଜ୍ଜିତ କରିବାକୁ ହେବ

## ମଣ୍ଡଳୀସବୁକୁ ଶିଶୁପାଳିକା (ବା ନର୍ସରୀ) ଅବସ୍ଥାରୁ ସଜ୍ଜିତକରଣ ଓ ଆଦେଶ ପ୍ରଦାନକାରୀ କେନ୍ଦ୍ରସବୁରେ ପରିଣତ କରନ୍ତୁ

ଦୁଃଖଦାୟକ ହେଲେ ସୁଦ୍ଧା ଏହା ସତ୍ୟ ଯେ ଆମର ମଣ୍ଡଳୀଗୁଡ଼ିକ ରବିବାର ସକାଳର ନର୍ସରୀ (ଶିଶୁପାଳିକା) ସଦୃଶ, ଯହିଁରେ ଆମେ ବିଶ୍ୱାସୀମାନଙ୍କୁ ଗେହ୍ଲା କରୁ, ସେମାନଙ୍କୁ ଆତ୍ମାରେ ଗଢ଼ି ନ ଥାଉ ଓ କୁଶଳ ଦୃଢ଼ ସୈନିକରୂପେ ପ୍ରସ୍ତୁତ କରି ନ ଥାଉ । ବର୍ତ୍ତମାନ ସମୟ ଆସିଛି ଯେତେବେଳେ ସ୍ଥାନୀୟ ମଣ୍ଡଳୀଗୁଡ଼ିକ ପରିବର୍ତ୍ତିତ ହୋଇ ବିଶ୍ୱାସୀମାନଙ୍କୁ ସଜ୍ଜିତ କରି ଜଗତରେ ଈଶ୍ୱର ସେମାନଙ୍କୁ ଯେଉଁ ସେବାକାର୍ଯ୍ୟ ଦେଇଛନ୍ତି ସେଥିନିମନ୍ତେ ସେମାନଙ୍କୁ ମୁକ୍ତ କରିବାକୁ ହେବ ।

ବିଶ୍ୱାସୀମାନଙ୍କୁ ସଜ୍ଜିତ କରିବା ନିମନ୍ତେ ସ୍ଥାନୀୟ ମଣ୍ଡଳୀଗୁଡ଼ିକର ପଦ୍ଧତି ଓ ପ୍ରକ୍ରିୟାସବୁ ରହିଥିବା ଆବଶ୍ୟକ ।

## ବିଶ୍ୱାସୀମାନଙ୍କୁ ଆତ୍ମାଙ୍କର ନୂତନ ପରିସର ମଧ୍ୟକୁ ଆଣନ୍ତୁ

ଯୀଶୁ ପୃଥିବୀରେ ରହିଥିବା ସମୟରେ ଅପରିମିତରୂପେ ଆତ୍ମା ପ୍ରାପ୍ତ ହୋଇଥିଲେ (ଯୋହନ ୩:୩୪) ।

ଆମେ ଆତ୍ମାଙ୍କୁ ଯେଉଁ ପରିମାଣରେ ଏ ଯାଏଁ ଅନୁଭବ କରିଛୁ ତା'ଠାରୁ ଅଧିକ ମାତ୍ରାରେ ଅନୁଭବ କରିପାରିବା ।

ଆମେ ଆତ୍ମାରେ ଯେଉଁଠାରେ ରହିଛୁ ତା'ଠାରୁ ଅଧିକ ଗଭୀର ଓ ଅଧିକ ଆଗକୁ ଯିବାର ଆବଶ୍ୟକତା ରହିଛି ।

ଆତ୍ମାଙ୍କ ଶକ୍ତିରେ ହିଁ ପୃଥିବୀରେ ଈଶ୍ୱରଙ୍କ ରାଜ୍ୟର ସମ୍ପ୍ରସାରିତ ହେବ (ଜିଖରିୟ ୪:୬; ମାଥିଉ ୧୨:୨୮) ।

ବଜାରସ୍ଥାନରେ ଓ ଜଗତରେ ସେବାକାର୍ଯ୍ୟ କରିବାକୁ ଆହୂତ ବିଶ୍ୱାସୀମାନେ ଅନେକ ମାତ୍ରାରେ ଆତ୍ମାଙ୍କର ଅଭିଷେକ ଆବଶ୍ୟକ କରନ୍ତି । ପାଞ୍ଚ-ପ୍ରକାର ସେବକମାନେ ଏ ଦିଗରେ ସେମାନଙ୍କୁ ସାହାଯ୍ୟ କରିବାକୁ ହେବ (ଯିଶାଇୟ ୧୧:୧,୨) ।

## ଢ଼ାଞ୍ଚା ଓ ପରିଚାଳନା ପ୍ରଣାଳୀ ଯୋଗାଇଦେବା ଆବଶ୍ୟକ

ସାଧୁମାନଙ୍କ ଆନ୍ଦୋଳନରେ, ପାଞ୍ଚ-ପ୍ରକାର ସେବାକାର୍ଯ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅର୍ଥାତ୍ ସେବାକାର୍ଯ୍ୟ ନିମନ୍ତେ ସାଧୁମାନଙ୍କୁ ସଜ୍ଜିତ କରିବାର ଦାୟିତ୍ୱ ନିର୍ବାହ କରିବ । ଏହା କାର୍ଯ୍ୟ କରିଚାଲିବ ଓ ସର୍ବୋତ୍ତମରୂପେ କାର୍ଯ୍ୟ କରିବ । ପାଞ୍ଚ-ପ୍ରକାର ସେବାକାର୍ଯ୍ୟ ନିମନ୍ତେ ଅନେକ ଲୋକଙ୍କର ଆବଶ୍ୟକତା ରହିଛି । ପ୍ରେରିତିକ ନେତୃତ୍ୱ ଓ ନିରୀକ୍ଷଣ, ଭାବବାଣୀୟ ଅନ୍ତର୍ଦୃଷ୍ଟି ଓ ନିର୍ଦ୍ଦେଶାବଳୀ, ପାଳକୀୟ ଯତ୍ନ ଓ ସଂଶୋଧନ, ଶିକ୍ଷକମାନଙ୍କ ଦ୍ୱାରା ଭିତ୍ତିଭୂମି ପ୍ରସ୍ତୁତ ଓ ଭିତ୍ତି ଉପରେ ସ୍ଥାପନ ଏବଂ ସୁସମାଚାର ପ୍ରଚାରକମାନଙ୍କ ଦ୍ୱାରା ସଂଗ୍ରହ ଓ ପ୍ରେରଣା ପ୍ରଦାନ ଆବଶ୍ୟକ ହୋଇଥାଏ ।

## ପ୍ରେରିତମାନେ

ପ୍ରେରିତମାନେ ଯେଉଁ କାର୍ଯ୍ୟ ନିମନ୍ତେ ଆହୂତ ହୋଇଛନ୍ତି, ସେଥିନିମନ୍ତେ ସ୍ୱର୍ଗରୁ ସେହି କାର୍ଯ୍ୟର ବ୍ଲୁପ୍ରିଣ୍ଟ୍ ବା ନକ୍ସା ପ୍ରାପ୍ତ ହେବା ଆବଶ୍ୟକ, ଯେପରି କି ସ୍ୱର୍ଗୀୟ ଆଦର୍ଶ ଅନୁସାରେ ସଂରଚନାର ଭିତିମୂଳ ସ୍ଥାପନ କରାଯିବ ଓ ସେଥିର ଆଧାର ଉପରେ ନିର୍ମାଣ କାର୍ଯ୍ୟ କରାଯିବ । ପ୍ରେରିତମାନେ ଏକ ନିର୍ଦ୍ଦିଷ୍ଟ ସେବାକାର୍ଯ୍ୟର ଏକ ଈଶ୍ୱର-ଦତ୍ତ ନକ୍ସା ପ୍ରସ୍ତୁତ କରିବେ । କେତେକ ପ୍ରେରିତମାନେ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ସାମାଜିକ କ୍ଷେତ୍ର ବା ଭୌଗୋଳିକ ଅଞ୍ଚଳରେ ସୁସମାଚାର ପ୍ରବେଶ କରାଇବାର ରଣ କୌଶଳ ପ୍ରସ୍ତୁତ କରିବେ ।

ଅନେକ ପ୍ରେରିତ ସେମାନଙ୍କର ନଗରଗୁଡ଼ିକ ଓ ଅଞ୍ଚଳସବୁର ପରିବର୍ତନ ନିମନ୍ତେ ଦର୍ଶନ ଓ ଈଶ୍ୱରଙ୍କ ନିର୍ଦ୍ଦେଶ ପ୍ରାପ୍ତ ହେବେ ।

**ଭାବବାଦୀମାନେ**

ଅନେକ ଭାବବାଦୀ ଉତ୍ପନ୍ନ ହେବେ ଯେଉଁମାନେ ଭାବବାଣୀ ପ୍ରଚାର କରି ମୃତ ଦର୍ଶନ ଗୁଡ଼ିକୁ ଉଠାଇବେ, ଈଶ୍ୱରଙ୍କଠାରେ 'ବର୍ତ୍ତମାନ' ସମୟର ବାକ୍ୟ ଆଣିବେ । ଯଦ୍ଦ୍ୱାରା ପ୍ରେରିତମାନଙ୍କ ଦ୍ୱାରା ମୁକ୍ତ ହୋଇଥିବା ଦର୍ଶନ ଓ ରଣକୌଶଳଗୁଡ଼ିକ କାର୍ଯ୍ୟକାରୀ କରିବା ସମ୍ଭବପର ହେବ (ଯିହିଜିକଲ ୪:୨୪; ୫:୧,୨) ।

**ଶିକ୍ଷକମାନେ**

ଆମେମାନେ ଅଭିଷିକ୍ତ ଶିକ୍ଷକମାନଙ୍କ ନିରବଚ୍ଛିନ୍ନ ସେବାକାର୍ଯ୍ୟ ଆବଶ୍ୟକ କରୁ ଯେଉଁମାନେ ସାଧୁମାନଙ୍କୁ ଶିକ୍ଷା ଦେଇ ଗଢ଼ିବେ, ପରିପକ୍ୱ ହେବାରେ ଓ ସଜ୍ଜିତ କରିବାରେ ସାହାଯ୍ୟ କରିବେ ।

**ପାଳକମାନେ**

ପାଳକମାନେ ଈଶ୍ୱରଙ୍କ ମନ ଅନୁଯାୟୀ ହେବେ (ଯିରିମିୟ ୩:୧୫) । ସେମାନେ ଈଶ୍ୱରଙ୍କ ପିତୃତ୍ୱର ଗଭୀର ଜ୍ଞାନ ଓ ଈଶ୍ୱରଙ୍କ ପରିବାର ପ୍ରତି ପ୍ରଗାଢ଼ ଅନୁରାଗ ରଖି ଈଶ୍ୱରଙ୍କ ଗୃହରେ ସାଧୁମାନଙ୍କ ପାଳନ ଓ ସ୍ଥାପନ କରିବେ ।

**ସୁସମାଚାର ପ୍ରଚାରକ**

ଅଭିଷିକ୍ତ ସୁସମାଚାର ପ୍ରଚାରକମାନେ ଉତ୍ପନ୍ନ ହେବେ ଯେଉଁମାନେ ଶସ୍ୟସଂଗ୍ରହ କରିବେ ଓ ବିଶ୍ୱାସୀମାନଙ୍କୁ ତାହା କରିବାକୁ ସଜ୍ଜିତ କରିବେ ।

ସ୍ଥାନୀୟ ମଣ୍ଡଳୀ କୌଣସି ଏକ ସ୍ଥାନରେ ଈଶ୍ୱରଙ୍କର ଗୃହ ହେବ (୧ତୀମଥି ୩:୧୫) । ପ୍ରତ୍ୟେକ ବିଶ୍ୱାସୀ (ସାଧୁ) ସ୍ଥାନୀୟ ମଣ୍ଡଳୀର ଜଣେ ସମର୍ପିତ ଓ ଦାୟିତ୍ୱବାନ୍ ସଦସ୍ୟ ହେବାକୁ ହେବ । ସେମାନେ ସ୍ଥାନୀୟ ମଣ୍ଡଳୀର ଜଣେ ସକ୍ରିୟ ସଭ୍ୟ ରହି ଖ୍ରୀଷ୍ଟଙ୍କର ଆତ୍ମିକ ଶରୀରରେ ସେମାନଙ୍କ ସଦସ୍ୟସତାକୁ ସଫଳ କରିବାକୁ ହେବ । ସେମାନେ ସ୍ଥାନୀୟ ମଣ୍ଡଳୀକୁ ଦଶମାଂଶ ଓ ଦାନ ଦେଇ ଚାଲିବେ । ଈଶ୍ୱର ତାଙ୍କ ଲୋକମାନଙ୍କଠାରୁ ଶୃଙ୍ଖଳା ଅପେକ୍ଷା କରନ୍ତି (୧କରିନ୍ଥୀୟ ୧୪:୩୩,୪୦) । ସାଧୁମାନେ "ବିଧିବ୍ୟବସ୍ଥାହୀନ

ଦଳ” ଭାବରେ ଯାହା ଦୃଷ୍ଟିରେ ଯାହା ଭଲ ଦିଶେ ତାହା କରିବେ ନାହିଁ, ସେମାନଙ୍କର ନିଜର ଦର୍ଶନ ଓ ସ୍ୱପ୍ନ ଅନୁସାରେ କାର୍ଯ୍ୟ କରିବେ ନାହିଁ (ବିଚାରକର୍ତ୍ତା ୧୭:୬; ୨୧:୨୫)।

ଯୋୟେଲଙ୍କ ସୈନ୍ୟବାହିନୀ ସଦୃଶ, ସାଧୁମାନଙ୍କୁ ଶିକ୍ଷା ଦେବାକୁ ହେବ ଯେପରି କି ସେମାନେ ଆପଣା ଆପଣା ପଥରେ ଅଗ୍ରସର ହେବେ, ଆପଣା ଆପଣା ଶ୍ରେଣୀ ଭଗ୍ନ କରିବେ ନାହିଁ, ଏକ ଜଣ ଆନ ଜଣକୁ ଠେଲିବେ ନାହିଁ ଓ ଆପଣା ଆପଣା ପଥରେ ହିଁ ଅଗ୍ରସର ହେବେ (ଯୋୟେଲ ୨:୭-୮)।

## ଆବଶ୍ୟକୀୟ ସମନ୍ୱୟ ସାଧନ କରିବା

ସାଧୁମାନଙ୍କ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବା ସମୟରେ ପାଞ୍ଚ-ପ୍ରକାର ସେବାକାର୍ଯ୍ୟ ନିମ୍ନ କେତେକ ବିଷୟରେ ସମନ୍ୱୟ ରକ୍ଷା କରିବାକୁ ହେବ।

### ଖ୍ରୀଷ୍ଟଙ୍କ ଶରୀରରେ ବିଶ୍ୱାସୀମାନଙ୍କ ସ୍ଥାନ ଓ କାର୍ଯ୍ୟ ସମ୍ବନ୍ଧରେ ଆମ ଉପଲବ୍ଧିରେ ପରିବର୍ତ୍ତନ

କେବଳ ପାଞ୍ଚ-ପ୍ରକାର ସେବକମାନେ ହିଁ ସେବାକାର୍ଯ୍ୟ କରିବେ ବୋଲି ଆମର ଯେଉଁ ଚିନ୍ତାଧାରା ରହିଛି ସେଥିରେ ପରିବର୍ତ୍ତନ ଆସିବା ଆବଶ୍ୟକ। ପ୍ରତ୍ୟେକ ବିଶ୍ୱାସୀ ଯେ ଜଣେ ଜଣେ ସେବକ ଅଟନ୍ତି ଏହା ଆମେ ଉପଲବ୍ଧି କରିବା ଉଚିତ।

### ବିଶ୍ୱାସୀମାନଙ୍କ ବିଷୟରେ ଆମ ମନୋବୃତ୍ତିରେ ସମନ୍ୱୟ ରକ୍ଷା

ପ୍ରଭୁଙ୍କ ଲୋକମାନଙ୍କ ବିଷୟରେ ଆମ ମଧ୍ୟରେ ଯେଉଁ ଅସୁରକ୍ଷିତ ଭାବନା, ହୀନମନ୍ୟତା ରହିଛି ଏବଂ ସେମାନଙ୍କୁ ନିୟନ୍ତ୍ରଣରେ ରଖିବାକୁ ଓ କର୍ତ୍ତୃତ୍ୱ କରିବାକୁ ଯେଉଁ ଇଚ୍ଛା ରହିଛି ତାକୁ ଦୂର କରିବା ଆବଶ୍ୟକ। ଆମେମାନେ ଦୃଢ଼ ନେତୃତ୍ୱ ନେବା ଆବଶ୍ୟକ ଯାହା ଅନୁକରଣୀୟ ହେବ।

### ବିଶ୍ୱାସୀମାନଙ୍କ ନିମନ୍ତେ ସୁବିଧା ଓ ସୁଯୋଗ ସୃଷ୍ଟି କରିବାକୁ ହେବ ଯେପରି ସେମାନେ ଆମ ସଙ୍ଗେ ମିଶି ସେବାକାର୍ଯ୍ୟ କରିବେ

ଆମ ସଙ୍ଗେ ମିଶି ସେବାକାର୍ଯ୍ୟ କରିବାକୁ ଆମେ ବିଶ୍ୱାସୀମାନଙ୍କୁ ଅନୁମତି ଦେବା ଉଚିତ, ଯେପରି ପାଉଲ ଯୁବକ ତୀମଥିଙ୍କୁ ନେଇ ସୁସମାଚାର କାର୍ଯ୍ୟ କରିଥିଲେ (ଫିଲିପ୍ପୀୟ ୨:୧୯-୨୨)।

### ସ୍ଥାନୀୟ ମଣ୍ଡଳୀ ସବୁରେ ଦଳଗତ ସେବାକାର୍ଯ୍ୟ ସ୍ଥାପନ କରନ୍ତୁ

ଆମ ସ୍ଥାନୀୟ ମଣ୍ଡଳୀରେ "ଜଣିକିଆ ସେବାକାର୍ଯ୍ୟ" ଶୈଳୀରୁ ଆମେ ଦଳଗତ ସେବାକାର୍ଯ୍ୟ ଆଡ଼କୁ ଅଗ୍ରସର ହେବା । ଏହି ଦଳରେ ପାଞ୍ଚ-ପ୍ରକାର ସେବକମାନେ ରହିବେ ଯେଉଁମାନେ ପୂର୍ଣ୍ଣ ସମୟ କାର୍ଯ୍ୟକାରୀ ହୋଇପାରନ୍ତି ବା ପାଞ୍ଚ-ପ୍ରକାର ସେବକମାନେ ବଜାର ସ୍ଥାନରେ ସେବାକାର୍ଯ୍ୟ କରୁଥାଇ ପାରନ୍ତି ।

### ଜ୍ଞାନ ଓ ପରିଣାମଦର୍ଶିତା ସହକାରେ ଚାଳନା ଦିଅନ୍ତୁ, ରକ୍ଷା କରନ୍ତୁ ଓ ନିୟନ୍ତ୍ରଣ କରନ୍ତୁ

ଆମେ ବିଶ୍ୱାସୀମାନଙ୍କୁ ଉତ୍ସାହିତ, ସଜ୍ଜିତ ଓ ସେବାକାର୍ଯ୍ୟ ନିମନ୍ତେ ମୁକ୍ତ କରୁଥିଲେ ସୁଦ୍ଧା ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ଜଣେ ନେତା ଭାବରେ ଆମେ ଆମର ଦାୟିତ୍ୱକୁ ସ୍ୱେଚ୍ଛାରେ ଛାଡ଼ିଦେବା ଅନୁଚିତ । ଜ୍ଞାନ ଓ ପରିଣାମଦର୍ଶିତା ସହକାରେ ଆମେ ସେମାନଙ୍କୁ ଚାଳନା ଦେବା, ରକ୍ଷା କରିବା ଓ ନିୟନ୍ତ୍ରଣ କରିବାକୁ ହେବ । ଆମେ ସେମାନଙ୍କୁ ଏପରି ଭାବରେ କଢ଼ାଇନେବାକୁ ହେବ ଯେପରି କି ସେବାକାର୍ଯ୍ୟ କରୁ କରୁ ବିଶ୍ୱାସୀମାନଙ୍କ ଜୀବନରେ ପରିପକ୍ୱତା ଓ ସ୍ଥିରତା ଆସିବ ।

### ସେବାକାର୍ଯ୍ୟର ନୂତନ ମାର୍ଗସବୁ ଅନୁସରଣ କରନ୍ତୁ

ବିଭିନ୍ନ ପ୍ରକାର ସେବାକାର୍ଯ୍ୟ ଓ ବିଭିନ୍ନ ପ୍ରକାର କାର୍ଯ୍ୟକଳାପ ରହିଛି ଏବଂ ଏସବୁ ମାର୍ଗରେ ଈଶ୍ୱର ତାଙ୍କ ଲୋକମାନଙ୍କ ମଧ୍ୟରେ ତାଙ୍କର କାର୍ଯ୍ୟପନ୍ଥା ପ୍ରକାଶ କରିଥାନ୍ତି (୧କରିନ୍ଥୀୟ ୧୨:୫,୬) । ଈଶ୍ୱର କେଉଁସବୁ ମାର୍ଗରେ ତାଙ୍କର କାର୍ଯ୍ୟସବୁ ଆଗେଇ ନେବାକୁ ଚାହୁଁଛନ୍ତି ସେଥିରେ ଆମେ ତାଙ୍କୁ ସୀମିତ କରିପାରିବା ନାହିଁ । ଈଶ୍ୱର ସତେଜ ଓ ନୂତନ ମାର୍ଗସବୁ ପ୍ରକାଶ କରିବେ ଯଦ୍ଦ୍ୱାରା ସେ ତାହାଙ୍କ ସାଧୁମାନଙ୍କ ଦ୍ୱାରା ସେବାକାର୍ଯ୍ୟ କରିବେ । ହଜାଆତ୍ମାଗୁଡ଼ିକ ନିକଟରେ ପହଞ୍ଚିବାପାଇଁ ସେ ମଧ୍ୟ ନୂତନ ଚିନ୍ତାଧାରା, ନୂତନ ପନ୍ଥାସବୁ ଅନୁସରଣ କରିବାକୁ ପ୍ରେରଣା ଯୋଗାଇବେ । ଆମେ ଯେଉଁ ସେବାକାର୍ଯ୍ୟ ସଙ୍ଗେ ପରିଚିତ ଏସବୁ ତା'ଠାରୁ ଭିନ୍ନ ହୋଇପାରେ । ଆମେ ଏହାକୁ ସ୍ୱାଗତ କରିବା ଉଚିତ ଏବଂ ଈଶ୍ୱର ତାଙ୍କର ଯେଉଁ ସାଧୁମାନଙ୍କ ନିକଟରେ ଏହା ପ୍ରକାଶ କରୁଛନ୍ତି ସେମାନଙ୍କ ପଥରେ ଆମେ ପ୍ରତିବନ୍ଧକ ସ୍ୱରୂପ ହେବା ଅନୁଚିତ ।

# ୪

# ପରିବର୍ତ୍ତନ ସଂଗଠିତ କରିବା

ସାଧୁମାନଙ୍କ ଆନ୍ଦୋଳନ- ଈଶ୍ୱର ତାଙ୍କ ଲୋକମାନଙ୍କୁ ସେବାକାର୍ଯ୍ୟ ନିମନ୍ତେ ସଜ୍ଜିତ ହେବା ଦେଖିବା ଚାହାନ୍ତି । ଏହା କରିବାର ଦାୟିତ୍ୱ ଆମ ଉପରେ ନ୍ୟସ୍ତ । ପାଞ୍ଚ-ପ୍ରକାର ସେବକ ଭାବରେ, ଆମେମାନେ ଈଶ୍ୱରଙ୍କ ଏହି ଚଳନ ମଧ୍ୟରେ ସାମିଲ୍ ହେବା ଉଚିତ । ଆମମାନଙ୍କର ରୀତିନୀତି, ପ୍ରଥା, ବା ଆମ ନିଜର ଅସୁରକ୍ଷା ଈଶ୍ୱରଙ୍କ ଉଦ୍ଦେଶ୍ୟ ସାଧନରେ ଓ ପୃଥିବୀରେ ତାଙ୍କର ସାମ୍ପ୍ରତିକ ଚଳନରେ ଭାଗୀଦାର ହେବା ଆମ ପଥରେ ପ୍ରତିବନ୍ଧକ ସ୍ୱରୂପ ହେବା ଅନୁଚିତ । ଏହି ପରିବର୍ତ୍ତନରେ ଅଂଶୀ ହେବାରେ ଯେଉଁ ପାଞ୍ଚ-ପ୍ରକାର ସେବକମାନେ ବିଫଳ ହେବେ ସେମାନେ "ମେଘ ଓ ଅଗ୍ନି" ରୂପରେ ଅଗ୍ରସର ହେଉଥିବା ଈଶ୍ୱରଙ୍କ ଉପସ୍ଥିତିର ବାହାରେ ଚାଲିଯିବେ ।

## କ୍ଷତିକାରକ ପଥସବୁରୁ ମୁକ୍ତ ହେବା

ଚିରାଚରିତ ରୀତିନୀତିସବୁକୁ ଜାବୁଡ଼ି ଧରି ଈଶ୍ୱରଙ୍କ ଆଜ୍ଞାକୁ ଅମାନ୍ୟ କରୁଥିବାରୁ ଯୀଶୁ ଫାରୁଶୀ ଓ ଶାସ୍ତ୍ରୀମାନଙ୍କୁ ଭର୍ତ୍ସନା କରିଥିଲେ (ମାଥିଉ ୧୫:୧-୯) । ପ୍ରକୃତରେ ସେମାନେ ମନୁଷ୍ୟକୃତ ପରାମ୍ପରାଗତ ରୀତିନୀତିକୁ ଏତେ ଗଭୀର ଭାବେ ଜାଣିଥିଲେ ଯେ ଈଶ୍ୱରଙ୍କ ବାକ୍ୟ ପରିବର୍ତ୍ତେ ସେମାନେ ସେହି ବିଧିବିଧାନଗୁଡ଼ିକୁ ହିଁ ପ୍ରଚାର କରୁଥିଲେ ।

ଯେଉଁସବୁ ପ୍ରଥାଗୁଡ଼ିକ କ୍ଷତିକାରକ ଆମେ ସେସବୁରୁ ମୁକ୍ତ ହେବାକୁ ହେବ ।

- ଆମ ମଧ୍ୟରୁ ଅନେକଙ୍କ ନିମନ୍ତେ ଆମର ଧର୍ମୀୟ ପ୍ରଥାସବୁରେ ପ୍ରେରିତ ଓ ଭାବବାଦୀମାନେ ଗ୍ରହଣୀୟ ନୁହଁନ୍ତି (ଆମେ କେବଳ ସୁସମାଚାର ପ୍ରଚାରକ, ପାଳକ ଓ ଶିକ୍ଷକମାନଙ୍କୁ ଗ୍ରହଣ କରୁ) । ଆପଣ ବୁଝିବା ଆବଶ୍ୟକ ଯେ ଈଶ୍ୱର ପ୍ରେରିତ ଓ ଭାବବାଦୀମାନଙ୍କ ସେବାକାର୍ଯ୍ୟକୁ ପୁନଃସ୍ଥାପିତ କରିଛନ୍ତି । ସାଧୁମାନଙ୍କୁ ସଜ୍ଜିତ କରିବା ପାଇଁ ଏସବୁ ଆବଶ୍ୟକ ।

- ଆମମାନଙ୍କ ମଧ୍ୟରେ ସେହି ପୁରୁଣାକାଳିଆ 'ଯାଜକମଣ୍ଡଳୀ' ଓ 'ଅଯାଜକୀୟ ଜନଗଣ' ଚିନ୍ତାଧାରା ରହିଛି । ଆମେ ବୁଝିବା ଆବଶ୍ୟକ ଯେ ପ୍ରତ୍ୟେକ ବିଶ୍ୱାସୀ ଜଣେ ଜଣେ ସେବକ ଅଟନ୍ତି ।

- ଆମ ମଧ୍ୟରୁ ଅନେକେ 'ଆତ୍ମିକ' ଓ 'ଧର୍ମନିରପେକ୍ଷ' ମଧ୍ୟରେ ଭିନ୍ନତା ଦେଖିଥାଉ । ଯେ କୌଣସି ଈଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ କାର୍ଯ୍ୟ ମଣ୍ଡଳୀଗୃହ ମଧ୍ୟରେ ହେଉ ବା ଜଗତରେ (କର୍ପୋରେଟ୍ ଅଫିସ୍, ଶିକ୍ଷା ଅନୁଷ୍ଠାନ, କ୍ରୀଡ଼ା କ୍ଷେତ୍ର, ଇତ୍ୟାଦିରେ) ହେଉ ଏହା ଏକ ସେବାକାର୍ଯ୍ୟ ଅଟେ ।

- ଆମ ମଧ୍ୟରୁ ଅନେକେ ପୁରୁଣା କୁମ୍ପା ଅର୍ଥାତ୍ ଆମ ମଣ୍ଡଳୀ ବା ସେବାକାର୍ଯ୍ୟର ସଂରଚନା ବା କ୍ରମକୁ ପରିବର୍ତ୍ତନ କରିବା ପାଇଁ ଅନିଚ୍ଛୁକ ହୋଇଥାଉ । ନୂଆ ଦ୍ରାକ୍ଷାରସ ନୂଆ କୁମ୍ପାରେ ରଖିବାକୁ ହେବ (ମାଥିଉ ୯:୧୭) । ସମ୍ପ୍ରତି ଆତ୍ମାଙ୍କ ବୃଷ୍ଟି (ନୂଆ ଦ୍ରାକ୍ଷାରସ) ନୂଆ ମାଣ୍ଡଳିକ ଢ଼ାଞ୍ଚା ଓ ପରିଚାଳନା (ନୂଆ କୁମ୍ପା) ଆବଶ୍ୟକ କରେ । ଆମର ମାଣ୍ଡଳିକ ବା ସେବାକାର୍ଯ୍ୟ ସଂରଚନାରେ ପାଞ୍ଚ-ପ୍ରକାର ସେବକ ଯଥା: ପ୍ରେରିତ, ଭାବବାଦୀ, ପାଳକ, ଶିକ୍ଷକ ଓ ସୁସମାଚାର ପ୍ରଚାରକ ମଧ୍ୟରୁ ସମସ୍ତେ ସ୍ଥାନ ପାଇ ନ ଥାନ୍ତି । ଆମର ମାଣ୍ଡଳିକ ସଂରଚନା ଯୋଗୁଁ ଆମେ ଖ୍ରୀଷ୍ଟଙ୍କ ଦ୍ୱାରା ସ୍ଥାପିତ ସେବାକାର୍ଯ୍ୟକୁ ଦୂରେଇ ଦେଇଛୁ, ଫଳରେ ସେବାକାର୍ଯ୍ୟ ନିମନ୍ତେ ସାଧୁମାନଙ୍କୁ ସଜ୍ଜିତ କରିବା ସମ୍ଭବ ହେଉ ନାହିଁ । ଆମେ ଆମର ମାଣ୍ଡଳିକ ସଂରଚନା ଓ କ୍ରମକୁ ବଦଳାଇବାକୁ ହେବ, ନଚେତ୍ ଆମେ ଆତ୍ମାଙ୍କ ଦ୍ରାକ୍ଷାରସ ନ ଥିବା କୁମ୍ପା ସଦୃଶ ହେବୁ ।

- ଆମ ମଧ୍ୟରୁ ଅନେକେ କେତେକ ନିର୍ଦ୍ଦିଷ୍ଟ ମାର୍ଗ ଓ କାର୍ଯ୍ୟ ପଦ୍ଧତିରେ ଅଟକି ଯାଇଛୁ । ଆମେ କେତେକ ପ୍ରଣାଳୀ ଓ କୌଶଳ ବ୍ୟବହାର କରୁଛୁ ଯାହା ବାସ୍ତବ ଓ ଈଶ୍ୱରଦତ୍ତ ଅଟେ । କିନ୍ତୁ ତାହା ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଦିଆଯାଇଥିଲା । ଆମେ କିନ୍ତୁ ଈଶ୍ୱରଙ୍କର ସାମ୍ପ୍ରତିକ କାର୍ଯ୍ୟ ଅନୁସାରେ ଆଗକୁ ବଢୁ ନାହୁଁ । ଯାହା ଗତ କାଲି କାର୍ଯ୍ୟକ୍ଷମ ଥିଲା ସେହି ମାର୍ଗରେ ଈଶ୍ୱର ଆଜି କାର୍ଯ୍ୟ କରିବାକୁ ଚାହିଁ ନ ପାରନ୍ତି । ଈଶ୍ୱରଙ୍କ ସୋପାନରେ ଚାଲନ୍ତୁ ।

ଉଦାହରଣ :

- ପିତ୍ତଳ ସର୍ପ (ଗଣନାପୁସ୍ତକ ୨୧:୮,୯; ୨ରାଜାବଳୀ ୧୮:୪)
- ମୋଶା ଓ ଶୈଳରୁ ଜଳ ନିର୍ଗତ କରିବା (ଯାତ୍ରାପୁସ୍ତକ ୧୭:୬; ଗଣନାପୁସ୍ତକ ୨୦:୮)
- ବାପ୍ତିଜକ ଯୋହନ (ଯୋହନ ୧:୩୫-୩୭)
- ଆପୋଲୋ (ପ୍ରେରିତ ୧୮:୨୪-୨୬)
- ଏଫିସୀରେ ଥିବା ବାପ୍ତିଜକ ଯୋହନଙ୍କ ଅନୁଗାମୀମାନେ (ପ୍ରେରିତ ୧୯:୧-୬)

## ଅସୁରକ୍ଷିତ ଭାବନାରୁ ବାହାରି ଆସିବା

ଆମେ କେତେକ ଅସୁରକ୍ଷିତ ବିଷୟର ସାମ୍ନା କରିଥାଉ । ସେଥିରୁ ଆମେ ବାହାରିଯିବା ଉଚିତ ।

ଆମେମାନେ ଈଶ୍ୱରଙ୍କ ଲୋକମାନଙ୍କର 'ପିତା' ଓ 'ମାତା' ହେବା ସ୍ତରକୁ ଉନ୍ନୀତ ହେବା ଆବଶ୍ୟକ ।

ପାଉଲଙ୍କ ପରି ଆମେ 'ତୀମଥିମାନଙ୍କୁ' ଲାଳନପାଳନ କରି ସେମାନଙ୍କୁ ଆମର ସହକର୍ମୀ ହେବାର ସ୍ତରକୁ ଆଣିବା ଆବଶ୍ୟକ (ରୋମୀୟ ୧୬:୨୧) ଯେପରିକି ସେମାନେ ଆମ ପରି ସେବାକାର୍ଯ୍ୟ କରିପାରିବେ (୧କରିନ୍ଥୀୟ ୧୬:୧୦) ।

## ପ୍ରେରିତିକ ଓ ଭାବବାଣୀୟ ସେବାକାର୍ଯ୍ୟ ପ୍ରତି ଉନ୍ମୁକ୍ତ ରହିବା

ପ୍ରେରିତିକ ଓ ଭାବବାଣୀୟ ସେବାକାର୍ଯ୍ୟ ପ୍ରତି ଆମ ମନୋଭାବରେ ପରିବର୍ତ୍ତନ ଆସିବା ଉଚିତ । ବ୍ୟକ୍ତିଗତ ସ୍ତରରେ ଓ ଆମର ମାଣ୍ଡଳିକ ସେବାକାର୍ଯ୍ୟ ସ୍ତରରେ, ଆମେ ମଣ୍ଡଳୀରେ ଈଶ୍ୱର ପ୍ରଚଳନ କରିଥିବା ପାଞ୍ଚ-ପ୍ରକାର ସେବାକାର୍ଯ୍ୟ ପ୍ରତି ଆମେ ଉନ୍ମୁକ୍ତ ରହିବାକୁ ହେବ ।

ଈଶ୍ୱର ହିଁ ମଣ୍ଡଳୀର ପ୍ରେରିତ ଓ ଭାବବାଦୀମାନଙ୍କୁ ରଖିଛନ୍ତି (୧କରିନ୍ଥୀୟ ୧୨:୨୮) । ଈଶ୍ୱର ମଣ୍ଡଳୀରେ ଯାହା ସ୍ଥାପନ କରିଛନ୍ତି ତାହାକୁ ପ୍ରତ୍ୟାହାର କରି ନେଇଯିବା ଅଧିକାର ଆମର ନାହିଁ ।

ଯେଉଁମାନେ ଆମର ଅଗ୍ରଗାମୀ ହୋଇ ଆତ୍ମାଙ୍କର ନୂତନ ପ୍ରକାଶନ ଓ ଅନ୍ୟାନ୍ୟ ବିଷୟରେ ପ୍ରବେଶ କରିଛନ୍ତି ଆମେ ସେମାନଙ୍କଠାରୁ ଶିଖିବା ଆବଶ୍ୟକ । ସେଥିରେ ଯେଉଁ ଶିକ୍ଷା ଓ ଅନୁଭୂତି ରହିଛି ତାହା ଧର୍ମଶାସ୍ତ୍ରର ପରିପନ୍ଥୀ ନୁହେଁ । ବରଂ ତଦ୍ଦ୍ୱାରା ଈଶ୍ୱର ତାଙ୍କ ଲୋକମାନଙ୍କ ନିମନ୍ତେ ଯାହା ଇଚ୍ଛା କରିଥିଲେ ସେସବୁ ପୁନଃସ୍ଥାପିତ ଓ ପ୍ରମାଣିତ ହେଉଛି ।

ଆମେମାନେ ପ୍ରେରିତିକ ଓ ଭାବବାଣୀୟ ସେବକମାନଙ୍କଠାରୁ ପ୍ରକାଶନ ଓ ଶିକ୍ଷା ଗ୍ରହଣ କରିବାକୁ ହେବ ।

ଏହା ସତ୍ୟ ଯେ ଆମେ ଯେତେବେଳେ ଆମମାନଙ୍କ ଜୀବନକୁ ପ୍ରେରିତିକ ଓ ଭାବବାଣୀୟ ସେବାକାର୍ଯ୍ୟ ପ୍ରତି ଉନ୍ମୁକ୍ତ କରିବା ଏହା ଆମମାନଙ୍କୁ ପ୍ରସାରିତ କରିବ । ଆମେ ଯେଉଁ ସ୍ଥାନସବୁକୁ ଆଗରୁ ଯାଇଛୁ ଆହୁରି ଆଗକୁ ଯିବା ପାଇଁ ଈଶ୍ୱରଙ୍କଠାରେ ଓ ତାହାଙ୍କ ଆତ୍ମାରେ ଆହ୍ୱାନ ପ୍ରାପ୍ତ ହେବା । ଯେଉଁ ନିଗୁଢ଼ତତ୍ତ୍ୱ ବାକ୍ୟରେ ଆମ ନିମନ୍ତେ ଗୁପ୍ତ ହୋଇ ରହିଥିଲା, ଆମର ଆତ୍ମିକ ଚକ୍ଷୁ କେବେ ଦେଖି ନ ଥିଲା ସେସବୁକୁ ଆମେ ହଠାତ୍ ସଜୀବ ଦେଖିବା (ଏଫିସୀୟ ୩:୫) । ଆତ୍ମିକ ନିଗୁଢ଼ତତ୍ତ୍ୱ ଦେଖିବା ହିଁ ପ୍ରେରିତିକ ଓ ଭାବବାଣୀୟ ସେବାକାର୍ଯ୍ୟର ବିଶେଷତ୍ୱ ।

ଅନ୍ୟ ଯେଉଁ କ୍ଷେତ୍ରରେ ଆମେ ଆହ୍ୱାନପ୍ରାପ୍ତ ହେବା ତା' ହେଉଛି ପ୍ରେରିତିକ ଓ ଭାବବାଣୀୟ ସେବାକାର୍ଯ୍ୟ ପ୍ରତି ଉନ୍ମୁକ୍ତ ରହିବା ଦ୍ୱାରା ଆମର ମୂଳଦୁଆ ପୁନଃସ୍ଥାପିତ ହେବ । ଆମେ ଚିନ୍ତା କରୁଥିବା ଯେ ସେବାକାର୍ଯ୍ୟ ନିମନ୍ତେ ସ୍ଥାନୀୟ ମଣ୍ଡଳୀ ଓ ଅନ୍ୟାନ୍ୟ ବିଷୟରେ ଆମର ପାରମାର୍ଥିକ ମୂଳଦୁଆ ଠିକ୍ ଅଛି । ତେବେ ଆମେ ଉପଲବ୍ଧ କରିବା ଯେ ସେସବୁ ପ୍ରାୟଶଃ ମନୁଷ୍ୟକୃତ- କାଠ, ଘାସ ବା ଛଣରେ ଗଠିତ । ପ୍ରେରିତିକ ଓ ଭାବବାଣୀୟ ସେବାକାର୍ଯ୍ୟ ଦ୍ୱାରା ଆମର ମୂଳଦୁଆ ଯେଉଁ ସବୁ କ୍ଷେତ୍ରରେ ପୁନଃସ୍ଥାପିତ ହେବ ସେସବୁ ପ୍ରଭୁଙ୍କ ଆଡୁ ହୋଇଥାଏ ଓ ବାଇବଲ ସମର୍ଥିତ (୧କରିନ୍ଥୀୟ ୩:୧୦; ଏଫିସୀୟ ୨:୨୦,୨୧), ଯେପରି କି ଆମେ ଏହା ଉପରେ ନିର୍ମାଣ କରିପାରିବା । ଏହା ଫଳରେ ଆମର ଜୀବନ ଓ ସେବାକାର୍ଯ୍ୟରେ ସମ୍ପୂର୍ଣ୍ଣ ନୂତନତା ଆସିବ, ସତେଜତା ଆସିବ ଏବଂ ତାହା ଆମ ପ୍ରଭୁ ଓ ରାଜାଙ୍କୁ ପ୍ରକାଶ କରିବ, ମନୁଷ୍ୟକୃତ ହେବ ନାହିଁ ।

### ସାଧୁମାନଙ୍କୁ ସଜ୍ଜିତ କରିବାର କେତୋଟି ବ୍ୟାବହାରିକ ଉପାୟ

#### ବିଶ୍ୱାସୀମାନଙ୍କୁ ଗୁରୁପାକ ଖାଦ୍ୟ ଦିଅନ୍ତୁ

ସାଧୁମାନେ ସଜ୍ଜିତ ହେବେ ବୋଲି ଆମେ ଆଶା କରି ନ ପାରୁ ଯଦି ସେମାନଙ୍କୁ ଆମେ ପୁଲ୍‌ପିଟ୍ କେବଳ ଦୁଗ୍ଧ ବା ମିଶ୍ରିତି ସମ୍ବାଦ ଖୁଆଇବା । ଈଶ୍ୱରଙ୍କ ସମସ୍ତ ସଙ୍କଳ୍ପ ହିଁ ବିଶ୍ୱାସୀକୁ ସମସ୍ତ ଉତମ କାର୍ଯ୍ୟ ନିମନ୍ତେ ସୁସଜ୍ଜିତ କରିଥାଏ ( ୨ତୀମଥି ୩: ୧୬, ୧୭) ।

ମୁଁ ବୁଝିଥାଏ ଯେ ଶିଶୁମାନେ ପାରମାର୍ଥିକ ଦୁଗ୍ଧ ଆବଶ୍ୟକ କରିଥାନ୍ତି ( ୧ପିତର ୨ : ୨) । କିନ୍ତୁ ଆମେ ଚାହିଁଥାଉ ଶିଶୁମାନେ ଶୀଘ୍ର ବଢ଼ନ୍ତୁ, ଯେପରି କି ସେମାନେ ବାକ୍ୟରୁ ଗୁରୁପାକ ଖାଦ୍ୟ ଗ୍ରହଣ କରିବାକୁ ସମର୍ଥ ହୁଅନ୍ତି (ଏବ୍ରୀ ୫: ୧୨-୧୪) ।

ଆମେ ନିଶ୍ଚିତରୂପେ ଈଶ୍ୱରଙ୍କର ସମସ୍ତ ସଙ୍କଳ୍ପକୁ ପ୍ରଚାର କରିବାକୁ ହେବ; ଆତ୍ମାଙ୍କ ବିଷୟସବୁରେ ବିଶ୍ୱାସୀମାନଙ୍କୁ ଶିକ୍ଷା ଓ ତାଲିମ୍ ଦେବାକୁ ହେବ; ପବିତ୍ରଆତ୍ମାଙ୍କର ଦାନସକଳକୁ, ଚିହ୍ନ, ଅଦ୍ଭୁତକର୍ମ ଓ ଶକ୍ତିର କାର୍ଯ୍ୟସବୁକୁ ସକ୍ରିୟ କରିବାକୁ ହେବ । ଖ୍ରୀଷ୍ଟଙ୍କ ତୁଲ୍ୟ ଚରିତ୍ର ଓ ପରିପକ୍ୱତାକୁ ବିକାଶ କରିବା ପାଇଁ ଗୁରୁତ୍ୱ ଦେବା ।

#### ବିଶ୍ୱାସୀମାନଙ୍କୁ ସାହାଯ୍ୟ କରନ୍ତୁ ଯେପରି ସେମାନେ ସେମାନଙ୍କ ଆହ୍ୱାନକୁ ଜାଣିପାରିବେ

ବିଶ୍ୱାସୀମାନେ ଯେପରି ସେମାନଙ୍କର ଆହ୍ୱାନ କ'ଣ ତାହା ଜାଣିବେ ଏଥିପାଇଁ ଆମେ ସେମାନଙ୍କୁ ସାହାଯ୍ୟ କରିବାକୁ ହେବ । ସେମାନେ ଯେପରି ଖ୍ରୀଷ୍ଟଙ୍କ ଶରୀରରେ ସେମାନଙ୍କ ସ୍ଥାନକୁ ଚିହ୍ନଟ କରିପାରିବେ ଓ ସେମାନଙ୍କ କାର୍ଯ୍ୟ କ'ଣ ଜାଣିବେ ଏଥିପାଇଁ ମଧ୍ୟ ଆମେ ସେମାନଙ୍କୁ ସାହାଯ୍ୟ କରିବାକୁ ହେବ ।

ଅନେକ ବିଶ୍ୱାସୀ ମଣ୍ଡଳୀରେ ନିଷ୍କର୍ମା ହୋଇ ରହିଥାନ୍ତି ଓ ସେମାନଙ୍କର ଦାନସକଳ ବ୍ୟର୍ଥ ଯାଇଥାଏ କାରଣ ସେମାନଙ୍କ କେହି ସାହାଯ୍ୟ କରି ନ ଥାଏ, ଯଦ୍ୱାରା ସେମାନଙ୍କ ଆହ୍ୱାନ କ'ଣ ଏବଂ ସେମାନଙ୍କ ସ୍ଥାନ ଓ କାର୍ଯ୍ୟ କ'ଣ ତାହା ସେମାନେ ଜାଣି ପାରି ନ ଥାନ୍ତି ଓ ଆବିଷ୍କାର କରି ପାରି ନ ଥାନ୍ତି ।

ପାଞ୍ଚ-ପ୍ରକାର ସେବକମାନେ ସେମାନଙ୍କର କାର୍ଯ୍ୟସ୍ଥଳ ବାହାରେ କାର୍ଯ୍ୟ କରିବାକୁ ହେବ କାରଣ ପ୍ରତ୍ୟେକ ବିଶ୍ୱାସୀ ଜଣେ ଜଣେ ସେବକ ଅଟନ୍ତି । ସ୍ଥାନୀୟ ମଣ୍ଡଳୀର ପ୍ରତ୍ୟେକ

ବ୍ୟକ୍ତି ସେମାନଙ୍କ ଆହ୍ୱାନକୁ ଆବିଷ୍କାର କରିବାକୁ ହେବ ଏବଂ ଏହା ସମ୍ପନ୍ନ କରିବା ପାଇଁ ସେ ସୁସଜ୍ଜିତ ହୋଇ ଅଗ୍ରସର ହେବାକୁ ହେବ ।

**ବିଶ୍ୱାସୀମାନଙ୍କୁ ଶକ୍ତିଯୁକ୍ତ କରନ୍ତୁ ଯେପରି ସେମାନେ ଆତ୍ମାଙ୍କ ଉପରେ ନିର୍ଭର କରିବେ**

ବିଶ୍ୱାସୀମାନଙ୍କୁ ତାଲିମ୍ ଦିଆଯିବା ଉଚିତ କିପରି ସେମାନେ ସେମାନଙ୍କ ଜୀବନ ଯାପନରେ ଓ ପୃଥିବୀରେ ସେମାନଙ୍କର ସେବାକାର୍ଯ୍ୟ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ପବିତ୍ର ଆତ୍ମାଙ୍କ ଉପରେ ନିର୍ଭର କରିବେ ।

**ବିଶ୍ୱାସୀମାନଙ୍କୁ ଉତ୍ସାହିତ କରନ୍ତୁ ଯେପରି ସେମାନେ ସେମାନଙ୍କ ସେବାକାର୍ଯ୍ୟ ଓ ବୃତ୍ତିଗତ କାର୍ଯ୍ୟକୁ ଏକତ୍ର କରିବେ**

ସ୍ଥାନୀୟ ମଣ୍ଡଳୀଗୁଡ଼ିକ ବଜାରସ୍ଥାନରେ କାର୍ଯ୍ୟକରିବାକୁ ଆହ୍ୱାନ ପାଇଥିବା ବ୍ୟକ୍ତିବିଶେଷଙ୍କୁ ସୁସଜ୍ଜିତ କରିବା ଆବଶ୍ୟକ ।

ବଜାର ସ୍ଥାନରେ କାର୍ଯ୍ୟକରିବାକୁ ପାଞ୍ଚ-ପ୍ରକାର ସେବକମାନଙ୍କୁ ଉତ୍ପନ୍ନ ହେବା ପାଇଁ ଉତ୍ସାହିତ କରନ୍ତୁ ।

- ବଜାରସ୍ଥାନରେ କାର୍ଯ୍ୟରତ ପାଞ୍ଚ-ପ୍ରକାର ସେବକମାନେ ହିଁ ବଜାର ସ୍ଥାନରେ ସାଧୁମାନଙ୍କୁ ସର୍ବୋତ୍ତମ ଭାବରେ ସଜ୍ଜିତ କରିପାରନ୍ତି ।
- ବଜାରସ୍ଥାନରେ ବିଶ୍ୱାସୀମାନଙ୍କ ଏପରି ଭାବେ ସଜ୍ଜିତ କରାଯିବା ଉଚିତ ଯେପରି କି ସେମାନେ ନିଷ୍ପତ୍ତି ନିର୍ଦ୍ଧାରଣରେ, ସେବାକାର୍ଯ୍ୟ ଓ ସାକ୍ଷ୍ୟଦାନ କରିବା ସମୟରେ ଈଶ୍ୱରଙ୍କ ରବ ଶୁଣିପାରିବେ । ବଜାରସ୍ଥାନରେ ବିଶ୍ୱାସୀମାନେ ଏପରି ଭାବେ ତାଲିମ୍ ପ୍ରାପ୍ତ ହେବା ଉଚିତ ଯେପରି କି ସେମାନେ ଆତ୍ମାଙ୍କ ଦାନରେ ଅଗ୍ରସର ହେବେ ଓ କାର୍ଯ୍ୟରେ ଅଲୌକିକ ଅଧିକାର ପ୍ରଦର୍ଶନ କରିବେ ।
- ବଜାରସ୍ଥାନରେ ବିଶ୍ୱାସୀମାନଙ୍କୁ ଶିକ୍ଷା ଦିଆଯିବା ଉଚିତ କିପରି ସେମାନେ ସେମାନଙ୍କ କାର୍ଯ୍ୟରେ ବାଇବଲର ନିୟମସବୁର ଉଚିତ ପ୍ରୟୋଗ କରିବେ ଓ ରାଜ୍ୟର ପ୍ରଭାବ ପକାଇବେ ।

- ବଜାରସ୍ଥାନର ବିଶ୍ୱାସୀମାନଙ୍କୁ ତାଲିମ୍ ଦିଆଯାଇପାରେ କିପରି ସେମାନେ ରାଜ୍ୟର ଫାଣ୍ଡିସବୁ (ଭିତ୍ତି, ସହଭାଗିତା, ମଣ୍ଡଳୀ) ବଜାର ସ୍ଥାନରେ ସ୍ଥାପନ କରି ରାଜ୍ୟ ବୃଦ୍ଧି କରିବେ; କିପରି ନିତିସବୁକୁ ପ୍ରଭାବିତ କରି ରାଜ୍ୟ ବୃଦ୍ଧି କରିବେ । କିପରି ରାଜ୍ୟ ଉଦ୍ଦେଶ୍ୟରେ ସମ୍ପତ୍ତି ସ୍ଥାନାନ୍ତରିତ କରିପାରିବେ ଇତ୍ୟାଦି ।

**ଉପଦେଷ୍ଟା ହୁଅନ୍ତୁ ଓ ଉପଦେଷ୍ଟା ହେବାର ସଂସ୍କୃତି ସୃଷ୍ଟି କରନ୍ତୁ**

ପାଞ୍ଚ-ପ୍ରକାର ସେବକଭାବରେ, ଆମେ ସାଧୁମାନଙ୍କର ଉପଦେଷ୍ଟା (ପିତା ବା ମାତ) ହେବା ଆବଶ୍ୟକ ।

ଏହା ସତ୍ୟ ଯେ ଜଣେ ବ୍ୟକ୍ତି ବହୁଲୋକଙ୍କର ଉପଦେଷ୍ଟା ହୋଇପାରିବେ ନାହିଁ । ତଥାପି, ଆମେ କେତେକଙ୍କର ଉପଦେଷ୍ଟା ରହିବା, ଏବଂ ଉପଦେଷ୍ଟା ହେବାର ସଂସ୍କୃତି ଆମ ମଣ୍ଡଳୀସବୁରେ ଓ ସେବାକାର୍ଯ୍ୟସବୁରେ ସୃଷ୍ଟି କରିବା, ଯେଉଁଠାରେ ପରିପକ୍ୱ ସାଧୁମାନେ ବିଶ୍ୱାସରେ ଅନ୍ୟମାନଙ୍କର ପିତା ଓ ମାତା ହେବା ପାଇଁ ଉତ୍ସାହିତ କରାଯିବେ ।

**ସେବାକାର୍ଯ୍ୟରେ ଦାୟିତ୍ୱ ଅର୍ପଣ କରନ୍ତୁ-**

ନୂତନ ସୁଯୋଗସବୁକୁ ସୃଷ୍ଟି କରନ୍ତୁ ଏବଂ ବିଶ୍ୱସ୍ତ ଓ ସମର୍ଥ ବିଶ୍ୱାସୀମାନଙ୍କୁ ସେବାକାର୍ଯ୍ୟର ଦାୟିତ୍ୱସବୁକୁ ଅର୍ପଣ କରନ୍ତୁ । ସେବାକାର୍ଯ୍ୟର ଦାୟିତ୍ୱ ଅର୍ପଣ କରିବାର ଚିନ୍ତାଧାରା ମୋଶାଙ୍କ ସମୟରୁ ହିଁ ଦେଖିବାକୁ ମିଳେ । ତାଙ୍କ ଶ୍ୱଶୁର ଯିଥ୍ରୋ ଏ ବିଷୟରେ ତାଙ୍କୁ ପରାମର୍ଶ ଦେଇଥିଲେ (ଯାତ୍ରାପୁସ୍ତକ ୧୮) ।

**ଏକ ସେବାକାର୍ଯ୍ୟର ଦଳ ବିକଶିତ କରନ୍ତୁ ଓ ଦଳସଂସ୍କୃତି ସୃଷ୍ଟି କରନ୍ତୁ**

ଆଗରୁ ଯେପରି ଆମେମାନେ ଆଲୋଚନା କରିଛୁ ସେବାକାର୍ଯ୍ୟ ଦଳର ଅଂଶୀଦାର ଭାବରେ କାର୍ଯ୍ୟକରିବାକୁ ଆମେ ଅନ୍ୟମାନଙ୍କୁ ଅନୁମତି ଦେବା ଆବଶ୍ୟକ । ଏକ ଦଳଗତ ସଂସ୍କୃତି ସୃଷ୍ଟି କରନ୍ତୁ, ଯେଉଁଠାରେ ପ୍ରତିଦ୍ୱନ୍ଦିତା ନ ଥିବ, ବରଂ ଗଭୀର ସହଯୋଗୀତାର ଭାବ ରହିଥିବ, ଯେଉଁଠାରେ ଦଳର ସମସ୍ତେ ସାଧୁମାନଙ୍କୁ ସଜ୍ଜିତ କରିବା ଓ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଗୌରବାନ୍ୱିତ କରିବାର ଏକମାତ୍ର ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବେ ।

### କୌଶଳ ବ୍ୟବହାର କରନ୍ତୁ

ଆମେ ଚିନ୍ତା କରିବା ଓ କୌଶଳକ୍ରମେ କାର୍ଯ୍ୟ କରି ଈଶ୍ୱରଙ୍କ ସଙ୍ଗେ ଚାଲିବା, କାରଣ ସେ ଜଗତର ଲବଣ ଓ ଜ୍ୟୋତିଃ ହେବା ପାଇଁ ତାହାଙ୍କ ଲୋକମାନଙ୍କୁ ଉଠାଉଛନ୍ତି । ଉଦାହରଣ ସଦୃଶ, ଜଣେ ବିଶ୍ୱାସୀ ଯଦି ବୃତ୍ତିଗତ କାରଣରୁ ଅନ୍ୟସ୍ଥାନକୁ ବଦଳି ହୋଇଯାଏ, ସେ ସୁଯୋଗ ପାଇଥାଏ ଓ ସେ ସ୍ଥାନରେ ଏକ ମଣ୍ଡଳୀ ରୋପଣ କରିଥାଏ, ବା ଏକ ଗୃହ ଦଳ ଗଠନ କରେ, ଇତ୍ୟାଦି । ଯଦି ବିଶ୍ୱାସୀମାନେ ସଜ୍ଜିତ ହେବେ, ତେବେ ଏହା ଘଟିବାର ଯଥେଷ୍ଟ ସମ୍ଭାବନା ରହିଥାଏ ।

### ରାଜ୍ୟ-ମନୋଭାବାପନ୍ନ ହୁଅନ୍ତୁ

ପାଞ୍ଚ-ପ୍ରକାର ସେବକ ଭାବରେ ଆମ ନିମନ୍ତେ ଏହା ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ ଆମେ ରାଜ୍ୟ ମନୋଭାବାପନ୍ନ ହୋଇ ସାଧୁମାନଙ୍କୁ ମଧ୍ୟ ରାଜ୍ୟ-ମନୋଭାବାପନ୍ନ ହେବା ନିମନ୍ତେ ତାଲିମ୍ ନେବାକୁ ହେବ । ରାଜ୍ୟ-ମନୋଭାବାପନ୍ନ ହେବାର ଅର୍ଥ ଈଶ୍ୱରଙ୍କ ରାଜ୍ୟର ଉଦ୍ଦେଶ୍ୟ ସୁବୁକୁ ଓ ରାଜାଙ୍କ ଗୌରବକୁ ଆମର ବ୍ୟକ୍ତିଗତ କାର୍ଯ୍ୟସୂଚୀ, ସମ୍ପ୍ରଦାୟ ସବୁ ଓ ସେବାକାର୍ଯ୍ୟ ଗୁଡ଼ିକର ଉର୍ଦ୍ଧ୍ୱରେ ରଖିବାକୁ ହେବ ।

### ଅଧିକ ଜାଣିବା ନିମନ୍ତେ ପଢ଼ନ୍ତୁ:

ଅଲ୍ ପିପୁଲ୍ସ ଚର୍ଚ୍ଚ ପକ୍ଷରୁ ପ୍ରକାଶିତ ପୁସ୍ତକ "ରାଜ୍ୟ ନିର୍ମାଣକାରୀମାନେ" (Kingdom Builders) । ଉପରୋକ୍ତ ବ୍ୟାବହାରିକ ଉପାୟଗୁଡ଼ିକରୁ କେତୋଟି ଏହି ପୁସ୍ତକରେ ମଧ୍ୟ ଆଲୋଚିତ ହୋଇଛି । ଏହି ପୁସ୍ତକର ଚତୁର୍ଥ ଅଧ୍ୟାୟରେ ଆତ୍ମାଙ୍କ ଦ୍ୱାରା ଲୋକମାନଙ୍କୁ ଗଠନ କରିବା ବିଷୟ ଏବଂ ସପ୍ତମ ଅଧ୍ୟାୟରେ ନୂତନ ପିଢ଼ି ଉତ୍ପନ୍ନ କରିବା ଓ ଉପଦେଷ୍ଟା ବିଷୟକୁ ଆଲୋଚନା କରାଯାଇଛି ।

## ଆମେ ଯଦି ପରିବର୍ତ୍ତନ ସଂଗଠିତ ନ କରୁ ତେବେ କ'ଣ

ପାଞ୍ଚ-ପ୍ରକାର ସେବକଭାବରେ ଆମେ ଯଦି ଈଶ୍ୱରଙ୍କର ସାମ୍ପ୍ରତିକ କାର୍ଯ୍ୟ, ସାଧୁମାନଙ୍କ ଆନ୍ଦୋଳନରେ ସାମିଲ୍ ନ ହେଉ ତେବେ ପରିଣତି ଭୟଙ୍କର ହେବ ।

### ଅପ୍ରଭାବି ହେବା

ଈଶ୍ୱରଙ୍କ ସାମ୍ପ୍ରତିକ କାର୍ଯ୍ୟରେ ଆମେ ଯଦି ସାମିଲ୍ ନ ହେବା ବିଶ୍ୱାସୀମାନଙ୍କ ଜୀବନ

ଉପରେ ଆମର ପ୍ରଭାବ ହ୍ରାସ ପାଇବ । ଯେଉଁ ବିଶ୍ୱାସୀମାନେ ପ୍ରକୃତରେ ଆତ୍ମିକ ଭାବରେ ବୃଦ୍ଧି ପାଇବାକୁ, ପରିପକ୍ୱତା ଲାଭ କରିବାକୁ ଓ ରାଜ୍ୟ ନିମନ୍ତେ ଉଦ୍‌ଯୋଗୀ ହେବାକୁ ଚାହାନ୍ତି ସେମାନେ ଯାଇ ସାଧୁମାନଙ୍କ ସଜ୍ଜିତକରଣରେ କାର୍ଯ୍ୟରତ ମଣ୍ଡଳୀ ଓ ସେବାକାର୍ଯ୍ୟଗୁଡ଼ିକ ସଙ୍ଗେ ସଂଯୁକ୍ତ ହେବେ ।

**ଈଶ୍ୱରଙ୍କ ଦ୍ୱାରା ଦିଆଯାଇଥିବା କାର୍ଯ୍ୟରେ ବିଫଳ ହେବା ଯୋଗୁଁ ବିଚାର**

ଈଶ୍ୱର ପାଞ୍ଚ-ପ୍ରକାର ସେବକମାନଙ୍କୁ ଯେଉଁ ଦାୟିତ୍ୱ ଅର୍ପଣ କରିଛନ୍ତି ତା’ ହେଲା ସେବାକାର୍ଯ୍ୟ ନିମନ୍ତେ ସାଧୁମାନଙ୍କୁ ସଜ୍ଜିତ କରିବା । ପାଞ୍ଚ-ପ୍ରକାର ସେବକଭାବରେ ଆମେ ଯଦି ଏହା କରିବାରେ ବିଫଳ ହେଉ, ତେବେ ଈଶ୍ୱରଦତ୍ତ କାର୍ଯ୍ୟ ଆମେ କରିପାରିନାହୁଁ । ଆମେ ଯେତେବେଳେ ପ୍ରଭୁଙ୍କ ଛାମୁରେ ଠିଆ ହୋଇ ଆମ ପାର୍ଥିବ ଜୀବନର ହିସାବ ଦେବା, ଆମର ବିଫଳତା ସେତେବେଳେ ପ୍ରକାଶ ପାଇବ (୨କରିନ୍ଥୀୟ ୫:୯,୧୦) ।

# ୫

# ନଗରବ୍ୟାପୀ ମଣ୍ଡଳୀ

## ନଗରବ୍ୟାପୀ ମଣ୍ଡଳୀର ନୂତନ ଗତି

ନଗରବ୍ୟାପୀ ମଣ୍ଡଳୀ ଯଦି ସଜ୍ଜିତ ହୋଇ ମୁକ୍ତ କରାଯାଏ ତେବେ ନଗର (ଏକ ଭୌଗାଳିକ ଅଞ୍ଚଳ- ସହର ବା ଗ୍ରାମ) ପ୍ରତି କ'ଣ ଘଟିବ ?

ମଣ୍ଡଳୀର ନିୟମିତ ରବିବାରୀୟ ଉପାସନା ପରିବର୍ତ୍ତେ ବଜାରସ୍ଥାନରେ ହିଁ ବାରମ୍ବାର ଉପାସନା ସଭା ଅନୁଷ୍ଠିତ ହେବ । ସ୍ଥାନୀୟ ମଣ୍ଡଳୀସବୁର ସାଧୁମାନେ ସପ୍ତାହର ପାଞ୍ଚ ବା ଛ' ଦିନ ବଜାରସ୍ଥାନରେ ହିଁ ଏକତ୍ର ହୋଇ ଉପାସନା କରିବେ, ଯଦିବା ସେମାନେ ନିଜର ସ୍ଥାନୀୟ ମଣ୍ଡଳୀମାନଙ୍କରେ ସପ୍ତାହରେ ଥରେ ବା ଦୁଇଥର ହେଉଥିବେ । ବଜାରସ୍ଥାନରେ ଈଶ୍ୱରଙ୍କୁ ପ୍ରକାଶ କରିବା ନିମନ୍ତେ ଏହିସମସ୍ତ ସାଧୁମାନଙ୍କୁ ସଜ୍ଜିତ କରାଯିବ । ସେମାନଙ୍କର ସାଧାରଣ ପରିଚୟ ହେଉଛି ଖ୍ରୀଷ୍ଟଙ୍କ ପ୍ରଭୁତ୍ୱ । ସ୍ଥାନୀୟ ମଣ୍ଡଳୀର ନାମ, ସମ୍ପ୍ରଦାୟ ବା ସେବାକାର୍ଯ୍ୟର ଅନ୍ତର୍ଭୁକ୍ତ ଆଉ ରହିବ ନାହିଁ ଏବଂ ଏସବୁ ଗୁରୁତ୍ୱ ବହନ କରିବ ନାହିଁ । ଈଶ୍ୱରଙ୍କ ଦ୍ୱାରା ଅଭିଷିକ୍ତ ନେତାମାନେ ମଣ୍ଡଳୀରେ ଓ ବଜାର ସ୍ଥାନରେ ଉତ୍ପନ୍ନ ହେବା ଏବଂ ଜଗତରେ ଈଶ୍ୱରଙ୍କ ଗୌରବାର୍ଥେ ମିଳିତଭାବେ କାର୍ଯ୍ୟକରିବେ ।

ଏହାଫଳରେ ସହରରେ ପ୍ରଭାବବିସ୍ତାର କରିବା ପାଇଁ ସ୍ଥାନୀୟ ମଣ୍ଡଳୀକୁ ଯେଉଁ ମିଳିତ ଉଦ୍ୟମ ଓ ପରିପୂରକ ସମ୍ବଳର ବିନିଯୋଗ କରିବେ ତାହା ଆମେ ଦେଖିପାରିବା । ଏଥିରେ ସହରରେ କେବଳ ଗୋଟିଏ ମଣ୍ଡଳୀ କାର୍ଯ୍ୟ କରିବ ନାହିଁ । ସହରରେ ପ୍ରଭାବ ବିସ୍ତାର କରିବା ପାଇଁ ସ୍ଥାନୀୟ ମଣ୍ଡଳୀଗୁଡ଼ିକର ଯେଉଁ ମିଳତ ଉଦ୍ୟମ ଓ ପରିପୂରକ ସମ୍ବଳର ବିନିଯୋଗ ହେବ, ଏବଂ ଈଶ୍ୱରଙ୍କ ଅଭିଷିକ୍ତ ପ୍ରେରିତିକ ନେତୃତ୍ୱ ଏସବୁକୁ ପରିଚାଳନା କରିବେ ତାହା ଆପଣ ଦେଖିପାରିବେ କି ? ଉପାସକ ଦଳଗୁଡ଼ିକ, ଯୁବାମାନଙ୍କ ଦ୍ୱାରା ସୁସମାଚାର ପ୍ରଚାର, ସାହି ଓ ଗଳିରେ ପ୍ରଚାର ଦଳଗୁଡ଼ିକ, ନିବେଦନ ପ୍ରାର୍ଥନା

କରୁଥିବା ଦଳଗୁଡ଼ିକ, ଗୁରୁତ୍ୱପୂର୍ଣ୍ଣ ବଜାରସ୍ଥାନରେ ପ୍ରଚାର, ସାମାଜିକ କାର୍ଯ୍ୟ (ସାହିଗଳିରେ ପିଲାମାନଙ୍କୁ, ଗରୀବ ଓ ନିରାଶ୍ରୟ ଲୋକଙ୍କୁ ସାହାଯ୍ୟ ଇତ୍ୟାଦି) ସାଧୁମାନଙ୍କ ଦ୍ୱାରା ହିଁ ପରିଚାଳିତ ହେବ ଯେଉଁମାନଙ୍କର ଏହିସବୁ ସେବାକାର୍ଯ୍ୟରେ ବିଶେଷ ରୁଚି ରହିଛି । ଏହାଦ୍ୱାରା ସମାଜରେ ନଗରବ୍ୟାପୀ ମଣ୍ଡଳୀର ସ୍ତର ଅତି ଦୃଢ଼ ହେବ ଓ ନଗରକୁ ପରିବର୍ତ୍ତନ କରିବା ପାଇଁ ଏହା ବିଶେଷ ପ୍ରଭାବ ପକାଇବ । **ନଗରବ୍ୟାପୀ ମଣ୍ଡଳୀ ପରିବର୍ତ୍ତିତ ହେଲେ, ନଗର ମଧ୍ୟ ପରିବର୍ତ୍ତିତ ହେବ ।**

## ରାଜ୍ୟ ମାନସିକତା ବିକାଶ କରିବା

ଆମେ କିପରି ସମସ୍ତେ ମିଶି ବିଶ୍ୱାସୀମାନଙ୍କ ଦ୍ୱାରା ପରିପୂର୍ଣ୍ଣ ଏକ ନଗରବ୍ୟାପୀ ମଣ୍ଡଳୀ ଗଠନ କରିବା ଯେଉଁମାନେ ମଣ୍ଡଳୀରେ ସେବାକାର୍ଯ୍ୟ କରିବାପାଇଁ ସଜ୍ଜିତ ଓ ମୁକ୍ତ କରାଯାଇଛନ୍ତି ?

ଆମେ ଯେପରି ଆଗରୁ କହିଛୁ, ବିଭିନ୍ନ ମଣ୍ଡଳୀର ବିଶ୍ୱାସୀମାନେ ଏକ ସାଧାରଣ ସ୍ଥାନରେ-କାର୍ଯ୍ୟସ୍ଥାନରେ ଏକାଠି ହୁଅନ୍ତି । ସେମାନଙ୍କ କାର୍ଯ୍ୟସ୍ଥାନଗୁଡ଼ିକରେ ଦଳଗତ ଭାବରେ କାର୍ଯ୍ୟକରି ସେସବୁକୁ ପ୍ରଭାବିତ କରିବା ପାଇଁ ସେମାନଙ୍କ ଉତ୍ସାହିତ କରାଯିବା ଉଚିତ । ସେମାନଙ୍କ ମଧ୍ୟରେ ମତାନ୍ଧତା ବା “ମୋ ମଣ୍ଡଳୀ- ଅପେକ୍ଷାକୃତ- ଭଲ” ମନୋବୃତ୍ତି ରହିବା ଅନୁଚିତ । ଯଦି ବିଶ୍ୱାସୀମାନଙ୍କୁ ଅନ୍ୟାନ୍ୟ ସ୍ଥାନୀୟ ମଣ୍ଡଳୀର ବିଶ୍ୱାସୀମାନଙ୍କ ସହିତ ମିଶି କାର୍ଯ୍ୟସ୍ଥାନସବୁରେ କାର୍ଯ୍ୟକରିବାକୁ ତାଲିମ୍ ଓ ଶିକ୍ଷା ଦିଆ ନ ଯାଏ, ଏବଂ ନଗରବ୍ୟାପୀ ମଣ୍ଡଳୀର ଐଶିକ ଶୃଙ୍ଖଳା ରକ୍ଷା କରା ନ ଯାଏ, ତେବେ ଈଶ୍ୱରଙ୍କ ରାଜ୍ୟର ଉଦ୍ଦେଶ୍ୟସବୁ ସଫଳ ହେବାରେ ଆଗ ବଢ଼ି ପାରିବ ନାହିଁ ।

ପ୍ରେରିତିକ ନେତାଗଣ ନଗରବ୍ୟାପୀ ପଦକ୍ଷେପ ପ୍ରତି ନେତୃତ୍ୱ ପ୍ରଦାନ କରିବାପାଇଁ ପ୍ରସ୍ତୁତ ରହିବା ଉଚିତ । ଯେପରି ସମୁଚିୟ ସମ୍ବଳସବୁ (ଲୋକମାନେ, ସମୟ ଓ ଅର୍ଥ), ସ୍ଥାନୀୟ ମଣ୍ଡଳୀର ବାଧାବିଘ୍ନ ସବୁ ଅତିକ୍ରମ କରିବ ଓ ନଗରରେ ତାହାଙ୍କ ରାଜ୍ୟ ପ୍ରତିଷ୍ଠିତ ହେବ । **କୌଣସି ଜଣେ ବ୍ୟକ୍ତି, ସେବାକାର୍ଯ୍ୟ ବା ସ୍ଥାନୀୟ ମଣ୍ଡଳୀକୁ ଉନ୍ନୀତ ନ କରି ଏହା କରାଯିବା ଉଚିତ ।**

ଯେତେବେଳେ ମିଳିତ ପ୍ରଚେଷ୍ଟାରେ ଆତ୍ମାଗୁଡ଼ିକ ଉଦ୍ଧାରପ୍ରାପ୍ତ ହେବେ ଓ ଜୀବନସବୁ ପରିବର୍ତ୍ତିତ ହେବେ, ନୂତନ ବିଶ୍ୱାସୀମାନଙ୍କୁ ଉତ୍ସହିତ କରିବାକୁ ହେବ ଯେପରି ସେମାନେ

ନିଜ ପସନ୍ଦର କୌଣସି ଏକ ବାଇବଲରେ ବିଶ୍ୱାସ ରଖୁଥିବା ଉତ୍ତମ ମଣ୍ଡଳୀରେ ଯୋଗଦେବେ, ଯହିଁରେ ସେମାନେ ଶିଷ୍ୟଗଠନ କରାଯିବେ ଓ ସଜ୍ଜିତ ହୋଇପାରିବେ । ସେମାନେ କେଉଁ ସ୍ଥାନୀୟ ମଣ୍ଡଳୀରେ ଯୋଗଦେବା ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ କାରଣ ଆମେମାନେ ଲୋକମାନଙ୍କ ହୃଦୟ ଓ ଜୀବନରେ ଈଶ୍ୱରଙ୍କ ରାଜ୍ୟ ସ୍ଥାପନ କରିବାକୁ ଚାହୁଁଛୁ । ସ୍ୱାଭାବିକରୂପେ ସ୍ଥାନୀୟ ମଣ୍ଡଳୀସବୁ ବୃଦ୍ଧିପାଇବେ ଓ ସମ୍ପ୍ରସାରିତ ହେବେ ।

ସାଧୁମାନଙ୍କ ଆନ୍ଦୋଳନ ଓ ନଗର ପରିବର୍ତନ

ଯିରୁଶାଲମ ଓ ଶମିରୋଣ ସ୍ତିଫାନ ଓ ଫିଲିପ୍ପଙ୍କ ପରି ସାଧାରଣ ବିଶ୍ୱାସୀମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲା । ସେମାନେ ପବିତ୍ରଆତ୍ମାରେ, ବିଶ୍ୱାସ, ଶକ୍ତି, ଅଦ୍ଭୁତକର୍ମ ଓ ଲକ୍ଷଣରେ ପରିପୂର୍ଣ୍ଣ ଥିଲେ (ପ୍ରେରିତ ୬:୮; ୮:୫-୮) ।

ସେହିପରି ଫୈନୀକିଆ, କୁପ୍ର ଓ ଆନ୍ତିୟଖିଆରେ ଯିରୁଶାଲମରୁ ଛିନ୍ନଭିନ୍ନ ହୋଇଥିବା ବିଶ୍ୱାସୀମାନେ ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମ ଦ୍ୱାରା ସୁସମାଚାର ପ୍ରଚାର କରିଥିଲେ (ପ୍ରେରିତ ୧୧:୧୯-୨୧) । ଏମାନେ ନିୟମିତ ବିଶ୍ୱାସୀ ଥିଲେ ଯେଉଁମାନେ ଅଗ୍ରଣୀ ସୁସମାଚାର କାର୍ଯ୍ୟ କରି ମଣ୍ଡଳୀଗୁଡ଼ିକ ବା ରାଜ୍ୟର ସମାଜଗୁଡ଼ିକ ସ୍ଥାପନ କରୁଥିଲେ ।

ସେହିପରି ଆମେମାନେ ସଜ୍ଜିତ ହୋଇ ଯଦି ଚିହ୍ନ, ଅଦ୍ଭୁତକର୍ମ ଓ ଶକ୍ତିର କାର୍ଯ୍ୟ କରିବା, ନଗରର ପରିବର୍ତ୍ତନକୁ ଆମେ ଦେଖିବା ଯାହା ତୃଣମୂଳସ୍ତରରୁ ଆରମ୍ଭ ହେବ ।

ନେତାମାନଙ୍କୁ ଓ ସେବକମାନଙ୍କୁ ଏକାଠି କରିବା ଆମର ନଗର ପରବର୍ତ୍ତନ ପ୍ରଚେଷ୍ଟାର ମୁଖ୍ୟ ବିଷୟ ହୋଇଥାଏ । ଏହା ନିଶ୍ଚତରୂପେ ଗୁରୁତ୍ୱପୂର୍ଣ୍ଣ ଓ ଆବଶ୍ୟକ । ତେବେ, ସାଧୁମାନଙ୍କ ଆନ୍ଦୋଳନ ଯୋଗୁଁ ତୃଣମୂଳସ୍ତରରୁ ନଗରରେ ପରିବର୍ତ୍ତନ ସଂଗଠିତ ହେବ ।

ଆମେମାନେ ସାଧୁମାନଙ୍କର ଏକ ନାମହୀନ ଓ ଅଚିହ୍ନା ପିଢ଼ିର ଅଭ୍ୟୁଦୟକୁ ଦେଖିବା ଯେଉଁମାନେ ନଗରକୁ ପ୍ରଭାବିତ କରିବେ ।

## ନଗରରେ ପ୍ରେରିତ ଓ ଭାବବାଦୀମାନଙ୍କୁ ଚିହ୍ନଟ କରିବା

ନଗରରେ ଥିବା ପ୍ରେରିତମାନଙ୍କର ନଗର ପରିବର୍ତ୍ତନରେ ବିଶେଷ ଭୂମିକା ରହିଛି । ପ୍ରେରିତମାନେ ବା ପ୍ରେରିତିକ ସେବାକାର୍ଯ୍ୟ ଆସିବା ଓ ଯିବା ଯଥେଷ୍ଟ ନୁହେଁ । ନଗରରେ ବାସ କରୁଥିବା ଓ ନଗର ପ୍ରତି ସମର୍ପିତ ପ୍ରେରିତମାନଙ୍କୁ ଆମେ ଆବଶ୍ୟକ କରୁ

ଯେଉଁମାନେ ନଗର ପରିବର୍ତ୍ତନ ନିମନ୍ତେ ଆବଶ୍ୟକୀୟ ଦର୍ଶନ, କୌଶଳ ଓ ନେତୃତ୍ୱ ପ୍ରଦାନ କରିବେ ।

ନଗରରେ ପ୍ରେରିତ ଓ ଭାବବାଦୀ ଉତ୍ପନ୍ନ ହେବା ଆବଶ୍ୟକ, ଯଦ୍ୱାରା ନଗରବ୍ୟାପୀ ମଣ୍ଡଳୀ ସ୍ଥାପିତ ହେବ ଓ ନଗରକୁ ପ୍ରଭାବିତ କରିବ ।

ନଗରରେ ଥିବା ଖ୍ରୀଷ୍ଟଙ୍କ ଶରୀର ନଗରରେ ରହୁଥିବା ପ୍ରକୃତ ପ୍ରେରିତ ଓ ଭାବବାଦୀମାନଙ୍କୁ ଚିହ୍ନିବା ଆବଶ୍ୟକ । ସେମାନେ ସେବାକାର୍ଯ୍ୟରେ ବା ବଜାରସ୍ଥାନରେ କାର୍ଯ୍ୟରତ ଥାଇପାରନ୍ତି । ମଣ୍ଡଳୀରେ ଓ ବଜାରସ୍ଥାନରେ ରହିଥିବା ପ୍ରେରିତ ଓ ଭାବବାଦୀମାନଙ୍କୁ ଆମେ ଚିହ୍ନିବା ଉଚିତ ।

ବାଙ୍ଗାଲୁରୁ ପରି ବଡ଼ ନଗରରେ ନିଶ୍ଚିତରୂପେ ଅନେକ ପ୍ରକୃତ ପ୍ରେରିତିକ ଓ ଭାବବାଣୀୟ ନେତା ରହିଛନ୍ତି । ଏହି ନେତାମାନଙ୍କୁ ଈଶ୍ୱର ଉଠାଇ ନଗର ସମ୍ବନ୍ଧରେ ଦର୍ଶନ ଦିଅନ୍ତି । ନଗରର କୌଣସି ଭାଗରେ ଈଶ୍ୱରଙ୍କ ରାଜ୍ୟ ସ୍ଥାପନର ଏକ ନକ୍ସା ଦିଅନ୍ତି ଯହିଁରେ ସବୁ ମଣ୍ଡଳୀର ବିଶ୍ୱାସୀମାନେ ଅନ୍ତର୍ଭୁକ୍ତ ଥାଆନ୍ତି । ସେମାନେ ନଗରର ବିଭିନ୍ନ ଭାଗ ବା ସମାଜରେ କାର୍ଯ୍ୟ କରିବାପାଇଁ ପ୍ରେରିତିକ ନେତୃତ୍ୱ ପ୍ରଦାନ କରିଥାନ୍ତି । ଏପରି ଅନେକ ପ୍ରେରିତ ଉତ୍ପନ୍ନ ହେବା ଆମେ ଦେଖିପାରିବା । ସେମାନଙ୍କ ମିଳିତ ଉଦ୍ୟମରେ ନଗରର ପରିବର୍ତ୍ତନ ସଂଗଠିତ ହେବ ।

ତେବେ ସାଧାରଣତଃ ଏକ ସମସ୍ୟା ଦେଖା ଦେଇଥାଏ ଯେ ଏକ ନଗରର ପ୍ରେରିତିକ ନେତାମାନେ ଏକ ନିର୍ଦ୍ଦିଷ୍ଟ ସମାଜରେ ପ୍ରବେଶ କରି କାର୍ଯ୍ୟ କରିବାର ନଗରବ୍ୟାପୀ ଉଦ୍ୟମ ଜାରି ରହିଥିବା ବେଳେ ସେମାନେ ଦାୟିତ୍ୱ ନେବାକୁ ଅନିଚ୍ଛୁକ ହୋଇଥାଆନ୍ତି । ତା' ପରିବର୍ତ୍ତେ ନିଜର ମଣ୍ଡଳୀ ଓ ଉପାସନାକାର୍ଯ୍ୟ ମଧ୍ୟରେ ରହି କାର୍ଯ୍ୟ କରିବାକୁ ଆମକୁ ଆରାମଦାୟକ ଲାଗେ । ହୁଏତ ଆମେ ଅତି ସଂକୀର୍ଣ୍ଣମନା ହୋଇ ଚିନ୍ତା କରୁ ବା ଆମେ ଭୟ କରୁ ଯେ ସହ ସେବକମାନେ ଆମକୁ ଭୁଲ ବୁଝିବେ, ତେଣୁ ନେତୃତ୍ୱ ନେବାକୁ କୁଣ୍ଠାବୋଧ କରିଥାଉ । ତେବେ ଆମେ ରାଜ୍ୟମାନସିକତାରେ ନୂତନୀକୃତ ହେବା ଆବଶ୍ୟକ । ଏହା ସତ୍ୟ ଯେ ମିଳିତଭାବେ ସାରା ନଗରରେ କାର୍ଯ୍ୟ କରିବା କ୍ଷେତ୍ରରେ ନେତୃତ୍ୱ ଦେବା ସହଜ କଥା ନୁହେଁ । ଅନେକ ବଡ଼ ଆହ୍ୱାନସବୁ ରହିଛି । ଆମର ସ୍ଥାନୀୟ ମଣ୍ଡଳୀ ବା ସେବାକାର୍ଯ୍ୟ ସହିତ ଅଧିକ ସମୟ ଦେଇ ଅଧିକ ଉଦ୍ୟମ କରିବା

ଆବଶ୍ୟକ ହେବ । କିନ୍ତୁ ଆମେ ନିର୍ଦ୍ଧାରଣ କରିବାକୁ ହେବ କେଉଁ ବିଷୟ ଅଧିକ ଗୁରୁତ୍ୱପୂର୍ଣ୍ଣ- ଆମର ସ୍ଥାନୀୟ ମଣ୍ଡଳୀକୁ ଓ ସେବାକାର୍ଯ୍ୟକୁ ଗଢ଼ିବା ଅଥବା ତାହାଙ୍କ ରାଜ୍ୟ ସାରା ନଗରରେ ପରିବ୍ୟାପ୍ତ ହେବା ଦେଖିବା, ଯଦ୍ଦ୍ୱାରା ଲକ୍ଷ ଲକ୍ଷ ଲୋକେ ଉଦ୍ଧାର ପାଇବେ ।

ନଗରବ୍ୟାପୀ ମଣ୍ଡଳୀ ଏକ ରାଜ୍ୟ-ମାନସିକତା ବିକଶିତ କରି ନଗରରେ ଈଶ୍ୱର ଉତ୍ପନ୍ନ କରୁଥିବା ପ୍ରକୃତ ପ୍ରେରିତିକ ଓ ଭାବବାଣୀୟ ନେତାମାନଙ୍କୁ ଚିହ୍ନିବା, ନିଶ୍ଚିତ କରିବା ଓ ସେମାନଙ୍କ ନେତୃତ୍ୱରେ କାର୍ଯ୍ୟକରିବା ପାଇଁ ଏକାଠି ହେବା ଉଚିତ । ନଗରରୁ ପ୍ରେରିତିକ ଓ ଭାବବାଣୀୟ ନେତାମାନେ ଏକତ୍ର ହୋଇ ନଗରବ୍ୟାପୀ ମଣ୍ଡଳୀକ ସଜ୍ଜିତ କରିବା ପାଇଁ ମିଳିତ ଉଦ୍ୟମର ଏକ କୌଶଳ ପ୍ରସ୍ତୁତ କରିବେ ଯଦ୍ଦ୍ୱାରା ନଗରର ପରିବର୍ତ୍ତନ ନିମନ୍ତେ ଅନେକ ମିଳିତ ପଦକ୍ଷେପ ନିଆଯାଇପାରିବ । ନଗରବ୍ୟାପୀ ମଣ୍ଡଳୀ ସହଯୋଗିତା ରକ୍ଷା କରି ବିଭିନ୍ନ ସଭାସମିତି ଅନୁଷ୍ଠିତ କରାଇବେ ଓ ଆତ୍ମାଙ୍କର ଐକ୍ୟ ରକ୍ଷା କରିବେ । ଆତ୍ମାଙ୍କ ଐକ୍ୟ ସଭାସମିତି ଅନୁଷ୍ଠିତ କରାଇବା ଉପରେ ନିର୍ଭରଶୀଳ ନୁହେଁ । ଏହା ହୃଦୟ ଓ ମନର ଏକ ପରିବର୍ତ୍ତନ । ଏକତାରେ ରହିବା ଦ୍ୱାରା ହିଁ ନଗରର ପରିବର୍ତ୍ତନ ସମ୍ପର୍କରେ ଆମେ ଆବଶ୍ୟକୀୟ ପଦକ୍ଷେପ ନେଇପାରିବା ।

ଯଦି ଆତ୍ମାଙ୍କର ଐକ୍ୟ ରକ୍ଷା କରି ନଗରବ୍ୟାପୀ ମଣ୍ଡଳୀ ବଞ୍ଚିବ ଓ କାର୍ଯ୍ୟକରିବ, ଏହା ସାଙ୍ଗକୁ ସାଧୁମାନଙ୍କ ଆନ୍ଦୋଳନ ସେବାକାର୍ଯ୍ୟ କରିବା ନିମନ୍ତେ ସୁସଜ୍ଜିତ ବିଶ୍ୱାସୀମାନଙ୍କର ସୈନ୍ୟବାହିନୀ ଉତ୍ପନ୍ନ କରିବ, ତେବେ ଆମେ ଦେଖିବା ଆମର ନଗରଗୁଡ଼ିକ ଶକ୍ତିଶାଳୀ ଭାବରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ସ୍ପର୍ଶଲାଭ କରିବ ।

## ସାମ୍ଭାବ୍ୟ ଅସୁବିଧାଗୁଡ଼ିକ ଆଗରୁ ଦେଖିପାରିବା

କେଉଁ ସାମ୍ଭାବ୍ୟ ବିପଦ ଓ ପ୍ରତବନ୍ଧକଗୁଡ଼ିକ ଆମେ ଆଗରୁ ଦେଖିପାରିବା ଏବଂ ସେଗୁଡ଼ିକୁ ଆମେ କିପରି ବାଧା ଦେଇପାରିବା ?

### ଅପରିପକ୍ୱ ନେତୃତ୍ୱ

➤ ଯଦି ନେତାମାନେ "ମୋର ସେବାକାର୍ଯ୍ୟ" ମନୋଭାବ ରଖନ୍ତି, ରାଜ୍ୟ ମାନସିକତା ରଖନ୍ତି ନାହିଁ ।

- ଯଦି ନେତାମାନେ ଧର୍ମୀୟ ପ୍ରଥାଗୁଡ଼ିକ ଧରି ରହନ୍ତି ଓ ଲୋକମାନଙ୍କୁ ମଧ୍ୟ ପ୍ରଥାଗୁଡ଼ିକ ମାନିବାକୁ କହନ୍ତି ।
- ଯଦି ନେତାମାନେ ପ୍ରତିଷ୍ଠା, ଗୌରବ ଓ ନିଜ ଉନ୍ନତି ଚାହାନ୍ତି ।
- ଯଦି ନେତାମାନେ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ମନୋନିବେଶ ନ କରି ପ୍ରେରିତିକ ନେତାମାନଙ୍କୁ ଉଚ୍ଚୀକୃତ କରିବା ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାନ୍ତି । ଯଦି ସେମାନେ କୌଣସି ଗୋଟିଏ ପ୍ରେରିତିକ ନେତାଙ୍କର ବ୍ୟତୀତ ଅନ୍ୟ କୌଣସି ସେବକମାନଙ୍କଠାରୁ କୌଣସି ବିଷୟ ଗ୍ରହଣ ନ କରିବାକୁ ଲୋକମାନଙ୍କୁ କହନ୍ତି ।
- ଯଦି ନେତାମାନେ ନଗରବ୍ୟାପୀ ପରିବର୍ତ୍ତନ ନିମନ୍ତେ ନେତୃତ୍ୱ ନେବାର ଦାୟିତ୍ୱ ଓ ପରିଣାମ ବିଷୟରେ ଅନିଚ୍ଛା ପ୍ରକାଶ କରନ୍ତି ।
- ଯଦି ନେତାମାନେ "ରାଜ୍ୟ-ମନୋଭାବାପନ୍ନ" କହି ଅନ୍ୟ ନେତାମାନଙ୍କ ସଙ୍ଗେ ସୁସମ୍ପର୍କ ନ ରଖି ସ୍ୱାର୍ଥପର କାର୍ଯ୍ୟକ୍ରମଗୁଡ଼ିକ ପରିଚାଳନା କରନ୍ତି । ଏହା ନିଶ୍ଚିତ ଯେ କେତେକ ନେତାମାନଙ୍କର ଖୋଲାସ୍ୱଭାବ ହେତୁ ଅନ୍ୟମାନେ ତା'ର ଫାଇଦା ଉଠାଇବେ ଓ ନିଜର ବ୍ୟକ୍ତିଗତ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରାଥମିକତା ଦେବେ । ତେବେ, ପରିପକ୍ୱ ବିଶ୍ୱାସୀମାନେ ଏହାକୁ ଜାଣିପାରିବେ ଏବଂ ଜ୍ଞାନ ଓ ପରିଣାମଦର୍ଶିତାର ସହିତ ଏପରି ଉଦ୍ୟମଗୁଡ଼ିକୁ ବାଧା ଦେବେ, ତଥାପି ସେମାନଙ୍କ ହୃଦୟକୁ ବିଘ୍ନମୁକ୍ତ ରଖିବେ ।

**ନେତାଭାବରେ ଆମର ଅନେକ ବୁଝାମଣା ରହିବା ଆବଶ୍ୟକ, ଆମର ମଣ୍ଡଳୀ ବା ସେବାକାର୍ଯ୍ୟ ପରିବର୍ତ୍ତେ ନିଜର ସ୍ୱାର୍ଥ ପ୍ରତି ମରିବା ଓ ରାଜ୍ୟକୁ ଉଚ୍ଚୀକୃତ କରିବା ପାଇଁ ଆମେ ଇଚ୍ଛୁକ ରହିବା ଆବଶ୍ୟକ ।**

**ଅପରିପକ୍ୱ ବିଶ୍ୱାସୀମାନେ**

- ଯଦି ବିଶ୍ୱାସୀମାନେ ନଗରବ୍ୟାପୀ ମଣ୍ଡଳୀ ସମ୍ବନ୍ଧୀୟ ଐଶିକ ଆଦେଶ ପରିବର୍ତ୍ତେ ନିଜ ନିୟମରେ ଚାଲନ୍ତି । ମିଳିମିଶି କାର୍ଯ୍ୟ କରିବାକୁ ଓ ରାଜ୍ୟ-ମାନସିକତା ରକ୍ଷା କରିବାକୁ ଆମେ ଉତ୍ସାହିତ କରୁଥିଲେ ସୁଦ୍ଧା, ଆତ୍ମିକ ନେତୃତ୍ୱ ଓ ମଣ୍ଡଳୀ ପରିଚାଳନା ସମ୍ବନ୍ଧରେ ଧର୍ମଶାସ୍ତ୍ର ସମ୍ମତ ଦାୟିତ୍ୱକୁ ବିଶ୍ୱାସୀମାନେ ଲଂଘନ କରିବା ଅନୁଚିତ ।
- ଯଦି ବିଶ୍ୱାସୀମାନେ ଈଶ୍ୱରଙ୍କ ଦ୍ୱାରା ନିଯୁକ୍ତ ନେତୃତ୍ୱ ପ୍ରତି ବିଦୋହ ଆଚରଣ କରନ୍ତି । ଉଦାହରଣ: ହାରୋଣ ମୋଶାଙ୍କର ବା ଅବଶାଲୋମ ଦାଉଦଙ୍କ ବିଦ୍ରୋହୀ

ହେବା । ତା’ ପରିବର୍ତ୍ତେ ବିଶ୍ୱାସୀମାନେ ଅନୁଗତ ରହିବା ଆବଶ୍ୟକ, ଯେପରି ଯିହୋଶୂୟ ମୋଶାଙ୍କର ଓ ଦାଉଦ ଶାଉଲଙ୍କର ଥିଲେ ।

- ଯଦି ବିଶ୍ୱାସୀମାନେ ଜ୍ଞାନ ଓ ପରିପକ୍ୱତା ନ ଥାଇ ଉଦ୍‌ଯୋଗୀ ହୁଅନ୍ତି । ଅଯଥାର୍ଥ ଅଭ୍ୟାସ ଦ୍ୱାରା ଅନ୍ୟମାନେ ସତ୍ୟକୁ ଅଗ୍ରାହ୍ୟ କରିପାରନ୍ତି ।

**ବିଶ୍ୱାସୀମାନେ ବାକ୍ୟ ଉପରେ ଓ ଆତ୍ମାଙ୍କ କାର୍ଯ୍ୟର ପ୍ରକାଶନ ଉପରେ ବଦ୍ଧମୂଳ ରହିବା ଆବଶ୍ୟକ ।**

**ଅଧିକ ଜାଣିବା ନିମନ୍ତେ ପଢ଼ନ୍ତୁ:**

ଅଲ୍ ପିପୁଲ୍ସ ଚର୍ଚ୍ଚ ପକ୍ଷରୁ ପ୍ରକାଶିତ ପୁସ୍ତକ “Divine Order in the Citywide Church” । ଏହା ମାଗଣାରେ ଉପଲବ୍ଧ ।

# ପ୍ରାର୍ଥନା

## ସାଧୁମାନେ ଉତ୍ପନ୍ନ ହେବା ନିମନ୍ତେ ପ୍ରାର୍ଥନା

ପ୍ରିୟ ପିତା, ଯୀଶୁଙ୍କ ନାମରେ ଆମ ନଗରରେ ଥିବା ଖ୍ରୀଷ୍ଟଙ୍କ ଶରୀର ନିମନ୍ତେ ପ୍ରାର୍ଥନା କରୁଛୁ । ଆମେ ପ୍ରାର୍ଥନା କରୁଛୁ ଯେପରିକି ସତ୍କର୍ମ କରିବାକୁ ସୁସଜ୍ଜିତ ବିଶ୍ୱାସୀମାନେ ଉତ୍ପନ୍ନ ହେବେ । ଆମ ନଗରର ବିଶ୍ୱାସୀମାନଙ୍କ ନିମନ୍ତେ ଆମେ ପ୍ରାର୍ଥନା କରୁ ଯେପରି ସେମାନେ ସବୁ ବିଷୟରେ ଯୀଶୁଙ୍କ ସଦୃଶ ହୁଅନ୍ତି । ଆମେ ପ୍ରାର୍ଥନା କରୁ ଯେପରି ବିଶ୍ୱାସୀମାନେ ଚିହ୍ନ, ଅଦ୍ଭୁତକର୍ମ ଓ ଶକ୍ତିର କାର୍ଯ୍ୟସବୁ- ସ୍କୁଲ୍, କଲେଜ୍, ସରକାରୀ ଅଫିସ୍, ଆମର ସହରଗଳି, କର୍ପୋରେଟ୍ ଅଫିସ୍‌ମାନଙ୍କରେ ଓ କ୍ରୀଡ଼ାକ୍ଷେତ୍ରରେ ପ୍ରକାଶ କରନ୍ତି, ଯଦ୍ଦ୍ୱାରା ଲୋକମାନେ ଜାଣିବେ ଯୀଶୁ ସତ୍ୟ ଅଟନ୍ତି ଓ ସେମାନେ ତାହାଙ୍କଠାରେ ବିଶ୍ୱାସ କରିବେ ।

## ନଗରବ୍ୟାପୀ ମଣ୍ଡଳୀର ଏକତା ଓ ବୃଦ୍ଧି ନିମନ୍ତେ ପ୍ରାର୍ଥନା

ପିତା, ଆମ ନଗରବ୍ୟାପୀ ମଣ୍ଡଳୀ ଯେପରି ଆତ୍ମାଙ୍କଠାରେ ଏକତା ପ୍ରାପ୍ତ ହେବ ସେଥିପାଇଁ ପ୍ରାର୍ଥନା କରୁ । ଆମେ ପ୍ରାର୍ଥନା କରୁ ଯେପରି ଆମ ନଗରର ଖ୍ରୀଷ୍ଟିୟ ନେତାମାନେ ଦୃଢ଼ରୂପେ ଆତ୍ମାରେ ଏକତା ପ୍ରାପ୍ତ ହୁଅନ୍ତି । ଆମେ ପ୍ରାର୍ଥନା କରୁ ଯେ ଏକତା ଆମ ନଗରର ସମସ୍ତ ବିଶ୍ୱାସୀମାନଙ୍କ ନିକଟକୁ ପରିବ୍ୟାପ୍ତ ହେଉ । ଆମେ ପ୍ରାର୍ଥନା କରୁ ଯେ ଆମ ନଗରର ଖ୍ରୀଷ୍ଟଙ୍କ ଶରୀର ସୁଦୃଢ଼ ହେଉ, ପବିତ୍ର ଆତ୍ମାଙ୍କ ଶକ୍ତିରେ ଆମର ନଗରରେ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର ନେଇ ପହଞ୍ଚାଉ ।

## ନଗରରେ ପ୍ରେରିତ ଓ ଭାବବାଦୀମାନେ ଉତ୍ପନ୍ନ ହେବା ନିମନ୍ତେ ପ୍ରାର୍ଥନା

ପ୍ରଭୁ, ପ୍ରାର୍ଥନା କରୁ ଯେପରି ପ୍ରକୃତ ପ୍ରେରିତ ଓ ଭାବବାଦୀମାନେ ଆମ ନଗରରେ ପ୍ରକାଶିତ ହୁଅନ୍ତି । ଆମେ ମଧ୍ୟ ପ୍ରାର୍ଥନା କରୁ ଯେପରି ତୁମେ ଆମ ନଗରରେ ପ୍ରେରିତ ଓ ଭାବବାଦୀମାନଙ୍କୁ ଉତ୍ପନ୍ନ କରିବ, ଯେଉଁମାନେ ନଗରର ମଣ୍ଡଳୀ ନିମନ୍ତେ ଓ ନଗରର ପରବର୍ତ୍ତନ ନିମନ୍ତେ ବୋଝଗ୍ରସ୍ତ ଥିବେ । ପ୍ରାର୍ଥନା କରୁ ଯେପରି ସେମାନେ ନମ୍ରତା ଓ ଭଦ୍ରତା ସହକାରେ ଆଚରଣ କରିବେ । ଆମେ ମଧ୍ୟ ପ୍ରାର୍ଥନା କରୁ ଯେପରିକି ସେମାନେ

ସବୁ ମଣ୍ଡଳୀ ଓ ସବୁ ସମ୍ପ୍ରଦାୟର ବିଶ୍ୱାସୀମାନଙ୍କର ମିଳିତ ଉଦ୍ୟମର ନେତୃତ୍ୱ ନେବେ, ଯଦ୍ଦ୍ୱାରା ଆମ ନଗରକୁ ତୁମର ରାଜ୍ୟ ଆସିବ ଓ ଆମ ନଗରରେ ତୁମର ଇଚ୍ଛା ସଫଳ ହେବ । ଆମେ ମଧ୍ୟ ଏପରି ଅନେକ ପ୍ରେରିତ ଓ ଭାବବାଦୀମାନଙ୍କ ନିମନ୍ତେ ପ୍ରାର୍ଥନା କରୁ ଯେଉଁମାନେ ଆମ ନଗରର ବିଭିନ୍ନ କ୍ଷେତ୍ରର କାର୍ଯ୍ୟକଳାପରେ ଭାଗ ନେବେ, ଯଦ୍ଦ୍ୱାରା ଆମ ନଗରସାରା ପରିବର୍ତ୍ତିତ ହେବ । ପ୍ରାର୍ଥନା କରୁ ଯେପରି ସେମାନେ ତୁମର ଲୋକମାନଙ୍କ ପ୍ରତି ପିତା ଈଶ୍ୱରଙ୍କ ସଦୃଶ ହୃଦୟ ଧାରଣ କରନ୍ତି ।

## ନଗରର ପରିବର୍ତ୍ତନ ନିମନ୍ତେ ପ୍ରାର୍ଥନା

ପ୍ରଭୁ, ପ୍ରାର୍ଥନା କରୁ ଆମ ନଗର ଯେପରି ଉଦ୍ଧାରପ୍ରାପ୍ତ ହୁଏ । ଆମେ ବାଞ୍ଛା କରୁ ଯେ ଆମ ନଗରର ଲକ୍ଷ ଲକ୍ଷ ଲୋକ ଯୀଶୁ ଖ୍ରୀଷ୍ଟଙ୍କଠାରେ ଉଦ୍ଧାର ପାଇବା ପାଇଁ ବିଶ୍ୱାସ କରନ୍ତି । ଆମର ନଗର ଆତ୍ମିକ ଭାବରେ, ନୈତିକ ଭାବରେ ଓ ଜୀବନ ଯାପନର ପ୍ରତ୍ୟେକ ବିଷୟରେ ପରିବର୍ତ୍ତିତ ହେଉ ।

ଯୀଶୁଙ୍କ ନାମରେ ମାଗୁଛୁ । ଆମେନ୍!

# ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩)* । ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩)* ।

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯)* ।

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।

ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।

ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।

ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ ଚର୍ଚ୍ଚର ଅଂଶୀଦାର ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ । ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ । ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ । ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ । ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ । ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି । ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ । ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା -

Account Name : All Peoples Church
Account Number : 0057213809
IFSC Code : CITI0000004
Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ । ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି । ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ । ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

# ଅଲ୍ ପିପୁଲ୍ସ୍ ଚର୍ଚ୍ଚ ଦ୍ୱାରା ପ୍ରକାଶିତ ପୁସ୍ତକସମୂହ

A Church in Revival
A Real Place Called Heaven*
A Time for Every Purpose*
Ancient Landmarks
Baptism in the Holy Spirit*
Being Spiritually Minded and Earthly Wise
Biblical Attitude Towards Work
Breaking Personal and Generational Bondages
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling*
Don't Lose Hope*
Equipping the Saints*
Foundations (Track 1)
Fulfilling God's Purpose for Your Life*
Giving Birth to the Purposes of God
God Is a Good God*
God's Word-The Miracle Seed*
How to Help Your Pastor
Integrity
Kingdom Builders*
Laying the Axe to the Root
Living Life Without Strife
Marriage and Family
Ministering Healing and Deliverance
Offenses-Don't Take Them*
Open Heavens
Our Redemption*
Receiving God's Guidance
Revivals, Visitations and Moves of God
Shhh! No Gossip!*
Speak Your Faith
The Conquest of the Mind*
The Father's Love
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God*
The Refiner's Fire
The Spirit of Wisdom, Revelation and Power
The Wonderful Benefits of speaking in Tongues*
Timeless Principles for the Workplace
Understanding the Prophetic
Water Baptism*
We Are Different*
Who We Are in Christ?*
Women in the Workplace
Work Its Original Design

ଉପରୋକ୍ତ ସମସ୍ତ ପୁସ୍ତକ ଆମ ମଣ୍ଡଳୀର ୱେବ୍‌ସାଇଟ୍ **apcwo.org/books**ରୁ ମାଗଣାରେ ଡ଼ାଉନ୍‌ଲୋଡ଼୍ କରିପାରିବେ । ଅନୁବାଦିତ ଓଡ଼ିଆ ପୁସ୍ତକଗୁଡ଼ିକ ମୂଳ ଇଂରାଜୀ ପୁସ୍ତକ ନିକଟରେ * ଚିହ୍ନ ସହିତ ସୂଚିତ ହୋଇଛି । ଅନ୍ୟାନ୍ୟ ଭାଷାରେ ଅନୁବାଦିତ ପୁସ୍ତକଗୁଡ଼ିକ ମଧ୍ୟ ଉପଲବ୍ଧ । ମାଗଣାରେ ଉପଲବ୍ଧ ଇଂରାଜୀପୁସ୍ତକଗୁଡ଼ିକ ପାଇବା ପାଇଁ ଆମର ଇମେଲ୍ ଠିକଣା **bookrequest@apcwo.org**କୁ ଇମେଲ୍ ପଠାନ୍ତୁ । * ଚିହ୍ନିତ ଓଡ଼ିଆ ପୁସ୍ତକଗୁଡ଼ିକ PDF ଆକାରରେ ମିଳେ ।

ଆମ ମଣ୍ଡଳୀର ୱେବ୍‌ସାଇଟ୍‌ରୁ ମାଗଣାରେ ଅଡ଼ିଓ ଓ ଭିଡ଼ିଓ ଉପଦେଶ, ଉପଦେଶ ଟିପ୍ପଣୀସବୁ (apcwo.org/sermons) ଏବଂ ଅନ୍ୟାନ୍ୟ ଉପାଦେୟ ଓ ଉପଯୋଗୀ ବିଷୟ ପାଇପାରିବେ ।

## ଏକ ସପ୍ତାହାନ୍ତ ସ୍କୁଲ୍‌ରେ ଯୋଗ ଦିଅନ୍ତୁ

ପ୍ରତି ସପ୍ତାହରେ ବାଙ୍ଗାଲୁରୁଠାରେ ବିଶ୍ୱାସୀମାନଙ୍କୁ ତାଲିମ୍ ଦେଇ ଜୀବନ ଓ ସେବାକାର୍ଯ୍ୟ ନିମନ୍ତେ ସୁସଜ୍ଜିତ କରିବା ପାଇଁ Weekend Schools ଆୟୋଜିତ ହୋଇଥାଏ । ଶନିବାର ଦିନ ସକାଳ ୯:୦୦ଘ ରୁ ସନ୍ଧ୍ୟା ୬:୦୦ଘ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୁଏ । ଏହା ସମସ୍ତ ମଣ୍ଡଳୀ ଓ ସମ୍ପ୍ରଦାୟର ବିଶ୍ୱାସୀମାନଙ୍କ ନିମନ୍ତେ ଉନ୍ମୁକ୍ତ, ଯଦି ସେମାନେ ତାଲିମ୍ ନେଇ ସଜ୍ଜିତ ହେବାକୁ ଚାହାନ୍ତି । ବର୍ତ୍ତମାନ ଅନୁଷ୍ଠିତ ହେଉଥିବା Weekend Schoolsରେ ନିମ୍ନ ପ୍ରସଙ୍ଗମାନ ଆଲୋଚିତ ହୋଇଥାଏ ।

ଭାବବାଣୀୟ ସେବାକାର୍ଯ୍ୟ (Prophetic Ministry)
ସୁସ୍ଥତା ଓ ଉଦ୍ଧାରକାର୍ଯ୍ୟ (Healing & Deliverance)
ଆତ୍ମାଙ୍କ ଦାନସକଳ (Gifts of the Spirit)
ପ୍ରାର୍ଥନା ଓ ନିବେଦନ (Prayer & Intercession)
ଅନ୍ତରସ୍ଥ ସମ୍ପୂର୍ଣ୍ଣତା (Inner Wholeness)
ଜୀବନଶୈଳୀ ସୁସମାଚାର (Lifestyle Evangelism)
ଈଶ୍ୱରଙ୍କ କାର୍ଯ୍ୟ (God at Work)
ସହରାଞ୍ଚଳ ମିଶନ୍ ଓ ମଣ୍ଡଳୀରୋପଣ (Urban Mission and Church Planting)
ଖ୍ରୀଷ୍ଟୀୟ ଆପୋଲୋଜେଟିକ୍ସ (Christian Apologetics)

ଅଧିକ ଜାଣିବା ପାଇଁ ଓ ନାମ ପଞ୍ଜିକରଣ କରିବା ପାଇଁ ଆମର ୱେବ୍‌ସାଇଟ୍ **apcwo.org/weekendschool** ପରିଦର୍ଶନ କରନ୍ତୁ ।

# ଖ୍ରୀଷ୍ଟୀୟ ନେତୃତ୍ୱ ଶିବିରର୍ ଆୟୋଜନ କରନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ପାଳକ, ସ୍ଥାନୀୟ ମଣ୍ଡଳୀର ନେତା, ଖ୍ରୀଷ୍ଟୀୟ ସଂଗଠନର ନେତା ଓ ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ସଂଶ୍ଳିଷ୍ଟ ଅନ୍ୟମାନଙ୍କୁ ଆତ୍ମାରେ ଅଭିଷିକ୍ତ ସୁସଜ୍ଜିତକରଣ ଓ ତାଲିମ୍ ପ୍ରଦାନ କରିଥାଏ । ଅଭିଷିକ୍ତ ପ୍ରଭୁଙ୍କ ଦାସମାନଙ୍କ ଦ୍ୱାରା ଶିକ୍ଷାପ୍ରଦାନ ସଙ୍ଗେ ସଙ୍ଗେ ଆତ୍ମାରେ ଚାଳିତ ସେବାକାର୍ଯ୍ୟ ଓ ତାଲିମ୍ ପ୍ରଦାନ କରାଯାଏ । ଆମର ଦଳସବୁ ଅଂଶଗ୍ରହଣକାରୀମାନଙ୍କ ସଙ୍ଗେ ବ୍ୟକ୍ତିଗତରୂପେ ଭାବର ଆଦାନ ପ୍ରଦାନ ଓ ଆଲୋଚନା କରିଥାନ୍ତି । ଏହି ନେତୃତ୍ୱ ଶିବିର ୨/୩ ଦିନ ଧରି ଚାଲିଥାଏ ଓ ନିର୍ଦ୍ଦିଷ୍ଟ ଏକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥାଏ । ଅଂଶଗ୍ରହଣକାରୀମାନେ ନୂତନୀକୃତ, ଶକ୍ତିଯୁକ୍ତ, ଏବଂ ଅଧିକ ଫଳପ୍ରଦ ଓ ପ୍ରଭାବଶାଳୀ ସେବାକାର୍ଯ୍ୟ କରିବାକୁ ସୁସଜ୍ଜିତ ହୋଇ ବାହାରି ଯାଇଥାନ୍ତି । ଖ୍ରୀଷ୍ଟୀୟ ନେତୃତ୍ୱ ଶିବିର ବିଭିନ୍ନ ସ୍ଥାନୀୟ ମଣ୍ଡଳୀ, ଏକ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ, ମିଶନ୍ ସଂଗଠନ ବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମଣ୍ଡଳୀସବୁର ଓ ସେମାନଙ୍କ ପାଳକମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥାଏ । ଆୟୋଜକ ସଂଗଠନ ଅଂଶଗ୍ରହଣକାରୀମାନଙ୍କୁ ଆମନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଶିବିରର ସମସ୍ତ ଖର୍ଚ୍ଚ ବହନ କରିବେ । ଅଲ୍ ପିପୁଲ୍ସ ଚର୍ଚ୍ଚ ଏହାର ସେବାକାର୍ଯ୍ୟ ଦଳକୁ ସେଠାକୁ ପଠାଇ ଶିବିର ପରିଚାଳନା କରିବେ ।

ପ୍ରାୟଶଃ ଆମେ ନିମ୍ନ ପ୍ରସଙ୍ଗଗୁଡ଼ିକୁ ନେଇ ଆଲୋଚନା କରିଥାଉ-

- **ଉଦ୍ଦୀପନା, ପରିଦର୍ଶନ ଓ ଈଶ୍ୱରଙ୍କ ଚଳପ୍ରଚଳ**
- **ଉପସ୍ଥିତି ଓ ଗୌରବ**
- **ରାଜ୍ୟନିର୍ମାଣକାରୀମାନେ (ଈଶ୍ୱରଙ୍କ ରାଜ୍ୟ ଓ ଏହାର ନିର୍ମାଣକାର୍ଯ୍ୟ)**
- **ସମତଳ ଭୂମି**
- **ଈଶ୍ୱରଙ୍କ ଗୃହ**
- **ପ୍ରେରିତିକ ଓ ଭାବବାଣୀୟ ସେବାକାର୍ଯ୍ୟ**
- **ସୁସ୍ଥତା ଓ ଉଦ୍ଧାର ସେବାକାର୍ଯ୍ୟ**
- **ଆତ୍ମାଙ୍କ ଦାନସକଳ**
- **ବିବାହ ଓ ପରିବାର**
- **ସାଧୁମାନଙ୍କୁ ସୁସଜ୍ଜିତ କରିବା ଓ ହାଟପଦାକୁ ପରିବର୍ତ୍ତନ କରିବା**

ଏସମ୍ପର୍କିତ ଅନ୍ୟାନ୍ୟ ବିଷୟପାଇଁ ଆମର ୱେବ୍‌ସାଇଟ୍: **apcwo.org/CLC** ପରିଦର୍ଶନ କରନ୍ତୁ ।

ଶିବିର ଆୟୋଜନ କରିବା ପାଇଁ ଆମ ସଙ୍ଗେ ଏହି email ଠିକଣା ଦ୍ୱାରା ଯୋଗାଯୋଗ କରନ୍ତୁ: contact@apcwo.org

## ମାଗଣା ଆପ୍ ଡାଉନ୍‌ଲୋଡ୍ କରନ୍ତୁ

ଆପ୍ ବା ଗୁଗୁଲ୍ ପ୍ଲେ ଷ୍ଟୋର୍‌ରୁ “All Peoples Church Bangalore” ଖୋଜି ଡ଼ାଉନ୍‌ଲୋଡ୍ କରନ୍ତୁ







### ଏଥିରେ ଥିବା ସୁବିଧାଗୁଡ଼ିକ:

- ଦୈନିକ ୫ ମିନିଟ୍‌ର ଭିଡ଼ିଓ ଧ୍ୟାନ
- ଦୈନିକ ବାଇବଲ ପଠନ ଓ ପ୍ରାର୍ଥନା ସୂଚନା
- ବିଭିନ୍ନ ପ୍ରସଙ୍ଗ ଉପରେ ଆଧାରିତ ବାଇବଲ ଶାସ୍ତ୍ରାଂଶଗୁଡ଼ିକର ଏକ ଟୁଲ୍‌କିଟ୍ ଯାହା
- ବିଶ୍ୱାସରେ ବୃଦ୍ଧି ପାଇବାରେ ଓ ସୁସମାଚାର ଅଂଶୀ କରାଇବାରେ ସହାୟକ ।
- ବିଭିନ୍ନ ଉପଦେଶ, ଉପଦେଶ ଟିପ୍ପଣୀସମୂହ, ଟିଭି କାର୍ଯ୍ୟକ୍ରମ, ପୁସ୍ତକ, ସଙ୍ଗୀତ, ଇତ୍ୟାଦି ଏଥିରେ ଉପଲବ୍ଧ ।

***ଯଦି ଏହାକୁ ପସନ୍ଦ କରୁଛନ୍ତି, ଅନ୍ୟମାନଙ୍କୁ ଏ ବିଷୟରେ କହନ୍ତୁ!***

# ପ୍ରଭାବିତ କରିବା ପାଇଁ ନିର୍ମାଣ କରନ୍ତୁ: ଆମ ଦର୍ଶନରେ ଅଂଶଗ୍ରହଣ କରନ୍ତୁ




## ନିର୍ମାଣ କରନ୍ତୁ

APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁ ଏକ ବିଶ୍ୱସ୍ତରୀୟ ସମ୍ପୂର୍ଣ୍ଣ ଆଧୁନିକ ସଜ୍ଜିତକରଣ କେନ୍ଦ୍ର ଓ ମିଶନ୍ ଭିତ୍ତିଭୂମିଭାବରେ ବିଭିନ୍ନ ରାଷ୍ଟ୍ରରେ ଖ୍ରୀଷ୍ଟଙ୍କ ଶରୀରର ସେବା କରିବା ପାଇଁ ଉଦ୍ଦିଷ୍ଟ ।

## ପ୍ରଭାବିତ କରନ୍ତୁ

ଆମେ ଆତ୍ମାରେ ଅଭିଷିକ୍ତ, ବାଇବଲଭିତ୍ତିକ ତାଲିମ୍ ପ୍ରଦାନ କରି ନୂତନ ପିଢ଼ିର ଖ୍ରୀଷ୍ଟୀୟ କାର୍ଯ୍ୟକାରୀମାନଙ୍କୁ ସୁସଜ୍ଜିତ କରି ସ୍ୱଦେଶ ଓ ବିଦେଶକୁ ପଠାଇବୁ ଓ ସେମାନଙ୍କର ପୃଷ୍ଠପୋଷକତା କରିବୁ । ଏଥିପାଇଁ ଏକ ବାଇବଲ କଲେଜ ପ୍ରତିଷ୍ଠିତ ହେବ ଓ ଏଥିରେ ରହିବାର ସୁବିଧା ରହିଥିବ । ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଶିକ୍ଷା ଗ୍ରହଣର ସୁବିଧା ରହିବ । ଏକ ମିଡ଼ିଆ ସେଣ୍ଟର୍ ବି ରହିବ ଯଦ୍ୱାରା ପୃଥିବୀର ବିଭିନ୍ନ ଭାଗର ଲୋକଙ୍କ ନିକଟରେ ପହଞ୍ଚି ହେବ । ଏଠାରେ ଏକ ଉପାସନା ଗୃହ ଏବଂ ପିଲାମାନଙ୍କର ଓ ଯୁବାମାନଙ୍କ ପାଇଁ ଏକ ସେଣ୍ଟର୍ ରହିବ । ୨୪x୭ ପ୍ରାର୍ଥନା ସେଣ୍ଟର୍ ମଧ୍ୟ ରହିବ ।

ଆପଣଙ୍କୁ ପ୍ରଭୁ ଯେଉଁଳି ଚାଳନା ଓ ଶକ୍ତି ଦିଅନ୍ତି ତଦନୁସାରେ ଆପଣଙ୍କୁ ଏକ ସ୍ୱେଚ୍ଛାଦାନ ପଠାଇବାକୁ ଆମନ୍ତ୍ରଣ କରାଯାଏ ଏବଂ ଆମ ସଙ୍ଗେ ଏହି ଦର୍ଶନର ଭାଗୀଦାର ହୋଇ ପ୍ରଭାବିତ କରିବା ପାଇଁ ନିର୍ମାଣ କରିବା କାର୍ଯ୍ୟକ୍ରମକୁ ସାହାଯ୍ୟ କରିବାକୁ ଅନୁରୋଧ । APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁର ନିର୍ମାଣ କାର୍ଯ୍ୟ ନିମନ୍ତେ ଦାନ ପଠାଇବା ପାଇଁ ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା ।

| **Wire Transfer** | **Cheques** |
|---|---|
| Account: **All Peoples Church Building Fund AC** | In favor of: **All Peoples Church Building Fund AC** |
| Account No: 520101021447450 | Cheques can be mailed to: |
| IFSC Code: CORP0000656 | All Peoples Church, |
| Bank Name: Corporation Bank | #319, 2nd Floor, 7th Main, 2nd Block |
| Branch Name: R.T Nagar Branch, Bangalore | HRBR Layout, Kalyan Nagar, Bangalore 560043, Karnataka, India |

ଭାରତରେ ଥିବା ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ଆମେ ଦାନ ଗ୍ରହଣ କରିବାକୁ ପସନ୍ଦ କରିବୁ । ବିଦେଶରୁ ଆସିବାକୁ ଥିବା ଦାନ ଗ୍ରହଣ କରିବାର ସୁବିଧା ଆମ ନିକଟରେ ଉପଲବ୍ଧ ନୁହେଁ । ଯଦି ଆପଣଙ୍କର କୌଣସି ସନ୍ଦେହ ବା ପ୍ରଶ୍ନ ଥାଏ buildtoimpact@apcwo.orgକୁ email କରନ୍ତୁ । ଏହି ପ୍ରକଳ୍ପର ପ୍ରଗତି ଓ ଅନ୍ୟ ବିଷୟ ଜାଣିବା ପାଇଁ **apcwo.org/buildtoimpact** ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ ।

## All Peoples Church Bible College
## apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ ।

APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

ବର୍ତ୍ତମାନ ଆମେମାନେ ଏପରି ଏକ ସମୟରେ ବାସକରୁ ଯେତେବେଳେ ବିଶ୍ୱାସୀମାନେ ସୁସଜ୍ଜିତ ଓ ମୁକ୍ତ ହୋଇ "ସମଗ୍ର ଜଗତକୁ"-ଗୃହଗୁଡ଼ିକୁ, ବିଭିନ୍ନ ସମ୍ପ୍ରଦାୟ ନିକଟକୁ, କର୍ପୋରେଟ୍ ଅଫିସ୍‌ମାନଙ୍କୁ, ଶିକ୍ଷା ଅନୁଷ୍ଠାନଗୁଡ଼ିକୁ, ସରକାରୀ ଅଫିସ୍‌ଗୁଡ଼ିକୁ ଯାଇ ଯୀଶୁଖ୍ରୀଷ୍ଟଙ୍କ କାର୍ଯ୍ୟସବୁକୁ ପ୍ରଚାର କରିବାକୁ ହେବ । ପ୍ରେରିତିକ ଶକ୍ତିରେ ଚାଳିତ ହୋଇ, ପ୍ରଭୁଙ୍କ ଭାବବାଣୀୟ ବାକ୍ୟ କହି, ରୋଗୀମାନଙ୍କୁ ସୁସ୍ଥ କରି, ଭୂତମାନଙ୍କୁ ଛଡ଼ାଇ, ଆଶ୍ଚର୍ଯ୍ୟକର୍ମସବୁ କରି ଓ ସୁସମାଚାର ପ୍ରଚାର କରି ଲୋକଙ୍କ ଜୀବନସବୁକୁ ଆମେ ପ୍ରଭାବିତ କରିବାକୁ ହେବ । ବିଶ୍ୱାସୀମାନେ ସ୍ୱଚ୍ଛ ମନରେ ନରମ ଗଦିରେ ବିଶ୍ରାମ କରିବାର ଏହା ସମୟ ନୁହେଁ କିଅବା ନେତାମାନେ କେବଳ ସେମାନଙ୍କ ସେବକାର୍ଯ୍ୟରେ ସମୟ ବିତାଇବାର ଏହା ସମୟ ନୁହେଁ । ଈଶ୍ୱରଙ୍କର ସମସ୍ତ ଲୋକମାନେ ଶକ୍ତିଯୁକ୍ତ ହୋଇ ପୃଥିବୀରେ ଈଶ୍ୱରଙ୍କର ଇଚ୍ଛା ସାଧନ କରିବାକୁ ହେବ ।

ଖ୍ରୀଷ୍ଟୀୟ ସେବକଭାବରେ, ଏହା ଘଟାଇବା ଆମର ଦାୟିତ୍ୱ । ଏହା ଆମ ବିଷୟରେ ନୁହେଁ । ଏହା ସେମାନଙ୍କ ବିଷୟରେ ଅର୍ଥାତ୍ ସାଧୁମାନଙ୍କ ବିଷୟରେ, ଈଶ୍ୱରଙ୍କର ଲୋକମାନଙ୍କ ବିଷୟରେ ।

ଶିକ୍ଷା କରନ୍ତୁ କିପରି ଆପଣ ପୃଥିବୀରେ ଈଶ୍ୱରଙ୍କର ସାମ୍ପ୍ରତିକ କାର୍ଯ୍ୟରେ ସାମିଲ ହେବେ ଓ ଈଶ୍ୱରଙ୍କ ପ୍ରତ୍ୟେକ ସନ୍ତାନମାନଙ୍କୁ ଈଶ୍ୱରଙ୍କର ସେବକ ହେବା ନିମନ୍ତେ ସଜ୍ଜିତ ଓ ମୁକ୍ତ କରିବେ, ଯେପରି ଖ୍ରୀଷ୍ଟ ଏପରି ଏକ ମଣ୍ଡଳୀ ନିକଟକ ପ୍ରତ୍ୟାବର୍ତ୍ତନ କରିବେ ଯାହା ସୁଦୃଢ଼, ସମ୍ପୂର୍ଣ୍ଣ ଏବଂ ନିର୍ଦ୍ଦୋଷ ଓ ନିଖୁନ୍ତ ହୋଇ ପ୍ରସ୍ତୁତ ରହିଥିବ !

ଆଶିଷ୍ ରାଇଚୁର୍